

# ଜଗନ୍ନାଥ ଏକ୍ସପ୍ରେସ୍

**JAGANNATH EXPRESS**

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୧୪ ଭୁବନେଶ୍ୱର ରବିବାର, ଜାନୁୟାରୀ ୦୫.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.114 Bhubaneswar, Sunday, January 05, 2025



DIASPORA'S CONTRIBUTION TO A VIKSIT BHARAT

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାର



## ବୈଶ୍ୱିକ ରାଜଦୂତମାନଙ୍କୁ ଆତିଥ୍ୟ ପ୍ରଦାନ ପାଇଁ ଓଡ଼ିଶା ପ୍ରସ୍ତୁତ

୧୮ ତମ

# ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ

**୮-୧୦ ଜାନୁଆରୀ, ୨୦୨୫ | ଭୁବନେଶ୍ୱର**

ପ୍ରବାସୀ ଭାରତୀୟ ଦିବସ ସମ୍ମେଳନର ଆୟୋଜନ ସମୃଦ୍ଧ ପରମ୍ପରା ଓ ନବ ଉନ୍ମେଷର ସମନ୍ୱୟ ମଞ୍ଚ ଭାବେ ଉଦ୍ଭାସିତ ହେବ

ଆସନ୍ତୁ, ପ୍ରବାସୀ ଭାରତୀୟଙ୍କୁ ଭବ୍ୟ ସ୍ୱାଗତ ତଥା ସେମାନଙ୍କ ସହ ସମ୍ପର୍କ ନିବିଡ଼ କରି ଉନ୍ନତ ଭବିଷ୍ୟ ନିର୍ମାଣରେ ସହଭାଗୀ ହେବା

**ଅତିଥି ଦେବୋ ଭବ**

DADLS-75 OIPR-15001/13/0345/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ସାନଖୁଡି ନାଗରିକ ମଞ୍ଚ ପକ୍ଷରୁ ପ୍ରସ୍ତୁତି ବୈଠକ



ବସ୍ତା,୪/୧ (ନି.ପ୍ର):ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ପଞ୍ଚାୟତ ସାନଖୁଡି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ମଞ୍ଚର ସଭାପତି ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।ସମ୍ପାଦକ ଅଜୟ କୁମାରଦାସ ବାର୍ଷିକ ବିବ ରଣି ପାଠ କରିଥିଲେ। କୋଷାଧକ୍ଷ ଗୋପାଳ ଚନ୍ଦ୍ର ଦାସ ବର୍ଷକର ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ।ଏହି ବୈଠକରେ ସରକାରଙ୍କ ବିଭିନ୍ନ ବିଭାଗରୁ ଅବସର ଗ୍ରହଣ କରିଥିବା ୨୦ଜଣରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ନେଇ ଏକ ବରିଷ୍ଠ ନାଗରିକ ମଞ୍ଚ ଗଠନ କରି ଅନେକ ଜନହିତକର କାର୍ଯ୍ୟ ହାତକୁ ନେବା ସହିତ ଅଞ୍ଚଳର ବିକାଶ ଦିଗରେ ସର୍ବଦା ନିୟୋଜିତ ରହିବେ ବୋଲି ମଞ୍ଚ ପକ୍ଷରୁ ସୂଚନା ଦେଇଥିଲେ। ସମାଜସେବୀ ପ୍ରାଣକୃଷ୍ଣ ବାଗ,ବିଜୟ ମହାନ୍ତି ,ଗକୁଳ ଜେନା,ଗଙ୍ଗାଧର ନାୟକ ଅଜୟ ସାହୁ, ନରେନ୍ଦ୍ର ଦଣ୍ଡପାଟ.ପଦ୍ମଲାଭ ସାହୁ,କୈଳାସ ପରିଡା, ମଦନ ସାମଲ,ପୂର୍ଣ୍ଣଚନ୍ଦ୍ର ଗିରି,ରବିନ୍ଦ୍ର ସାହୁ,ପ୍ରତାପ ଚନ୍ଦ୍ର ରାଉତ,ସୁଦାମ ଗାଣ ସମେତ ସମସ୍ତ ସଦସ୍ୟ ବୈଠକରେ ଅଂଶ ଗ୍ରହଣ କରିଥିଲେ।

# ଅମଳ କରିବା ଧାନକୁ ଖାଇ ନଷ୍ଟକଲା ଦୁଇ ଦନ୍ତା ହାତୀ



କଲ୍ୟାଣସିଂହପୁର,୪/୧ (ନି.ପ୍ର):ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ରାବୁଗୁଡା ଗ୍ରାମରେ ଅମଳ କରିବା ଧାନ କୁ ଖାଇ ନଷ୍ଟ କଲା ଦୁଇ ଦନ୍ତାହାତୀ । ସୂଚନା ଅନୁଯାୟୀ ରାବୁଗୁଡା ଗ୍ରାମର ଭୀମ କର୍ଷିକା ନିଜ ବିଲରେ ଅମଳ କରିଥିବା ଧାନ ଗୁଡିକ ଅସ୍ଥାୟୀ କୁଡ଼ିଆ ବା ଲାଡି ପାଖରେ ଖଳାରେ ରଖି ଶୋଇଥିଲେ ।ଗୁରୁବାର ରାତିରେ ଦୁଇ ପଟ ଦନ୍ତାହାତୀ ଆସି ଅମଳ କରି ରଖିଥିବା ଧାନ କୁ ଖାଇବା ସହ ବଳକା ଧାନ କୁ ଫିଙ୍ଗାଫିଙ୍ଗି କରିଦେଇଛନ୍ତି । ଲଘୁଚାପଚାପ ବର୍ଷା ଯୋଗୁଁ ଅମଳ ଧାନ ବର୍ଷା ରେ ଭିଜି ଯାଇଥିଲା ତାହାକୁ ଶୁଖାଇ ଶୁକ୍ରବାର ଦିନ ମିଲକୁ ନେଇ ଦେଇଦେବି ବୋଲି ଭାବିବା ବେଳକୁ ଭାଗ୍ୟର ବିଡମ୍ବନା ଯେ ଏକ ସ୍ଥାନରେ ୩ଜଣ ଙ୍କ ରହିଥିବା ଧାନ ବସ୍ତା ମଧ୍ୟରୁ ଭୀମ କର୍ଷିକା ଙ୍କ ଦୁଇ ଏକର ଜମିରେ ୧୮ପେକେଟ ବା ୧୦କୁଇଣ୍ଟାଲ ଧାନ ଅମଳ କରିଥିବା ଧାନକୁ ଦୁଇ ଦନ୍ତା ହାତୀ ଆସି ନଷ୍ଟ କରିଦେଇଥିବା କୋହଭାର କଣ୍ଠରେ କହିଛନ୍ତି । ସ୍ତ୍ରୀ କର୍ଷିକା ମମିତା କହିଛନ୍ତି ବର୍ଷକର ଖାଦ୍ୟ ହାତୀ ନଷ୍ଟ କରିଦେଇଛି । ଆମ ୭ଜଣ ପ୍ରାଣୀ କଣ ଖାଇ ଜୀବନ ଯାପନ କରିବୁ ବୋଲି କହିଛନ୍ତି । ଦୁଇ ପଟ ଦନ୍ତା ହାତୀ କୁଡ଼ିଆ ଗୁଡିକକୁ ଘଷି ହୋଇ ଯାଇଛନ୍ତି କିନ୍ତୁ କୌଣସି ଲୋକଙ୍କ କ୍ଷୟ କ୍ଷତି କରିନଥିବା ନିକଟରେ ଥିବା ଗୋବିନ୍ଦ କର୍ଷିକା, ସନ୍ତୋଷ ବିଡିକା ,ବିଡିକା ସନ୍ତୁ କହିଛନ୍ତି । ଏହି ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ସହାୟତା ଯୋଗାଇଦେବା ପାଇଁଗ୍ରାମବାସୀ ଦାବି କରିଛନ୍ତି ।ଏବିଷୟରେ ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗ କୁ ଯୋଗାଯୋଗ କରିବାରୁ ସେ କହିଲେ ଏହାର ତଦନ୍ତ କରି ରିପୋଟ ପଠାଇଲେ । ସରକାରୀ ଅନୁକମ୍ପା ହିସାବରେ ଯାହାଅଛି ତାହା ପାଇବେ ବୋଲି କହିଛନ୍ତି ।କଲ୍ୟାଣ ସିଂହପୁର ରୁ କାମେଶ୍ୱର କଦଳିଆ ଙ୍କ ରିପୋର୍ଟ ଫୋକ୍ସ ଫୁଜ ( ଆଞ୍ଚଳିକ ଖବର ) ।

# ସାହାରପଡ଼ାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ସାହାରପଡ଼ା ୪/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ସାହାରପଡ଼ା ପଞ୍ଚାୟତ ସମିତି ସଭା ଗୃହ ରେ ଜିଲ୍ଲାପାଳ ଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ, ଜିଲ୍ଲା ଆରକ୍ଷୀ ଅଧିକାରୀ କୁସଲକର ନୀତିନ ଡାଗୁଡ , ଡେପୁଟି ଜିଲ୍ଲାପାଳ ଉମାଶଙ୍କର ଦଲେଇ, ଡି ଏଫ ଓ ଧନରାଜ ହନମନ୍, ପିଡି ଶ୍ରୀ କୁମାର ନାଗଭୂଷଣ, ସିଡ଼ିଏମଓ କିଶୋର କୁମାର ପୃଷ୍ଟି, ବିଡ଼ିଓ ରଞ୍ଜିତ କୁମାର ମହାନ୍ତ, ତହସିଲଦାର ପରମାନନ୍ଦ ଖଣ୍ଡେଇ ଓ ବିଶିଷ୍ଟ ଅଫିସର ମାନେ ଉପସ୍ଥିତ ଥିଲେ। ଏଥିରେ ମୋଟ ୧୨୦ଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୪୨ଟି ଭୋଟା ଓ ଅନ୍ୟାନ୍ୟ ଅଭିଯୋଗ ଥିଲା।ଏହି ଶିବିରରେ ଜିପିଓ ଅନ୍ତର୍ଯ୍ୟାମୀ ସେଠୀ, ସହକାରୀ ଯନ୍ତ୍ରୀ ତପନ କୁମାର ପଲେଇ ଓ ଲୋକନାଥ ନାୟକ ସୁଚାରୁ ରୂପେ ପରିଚାଳୋନ କରିଥିଲେ।



# ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିନିକିଆ ଗଞ୍ଜାମ ଗସ୍ତ

ଆସିକା,୪/୧ (ନି.ପ୍ର): ଆସିକା ନିର୍ବାଚନ ମଣ୍ଡଳୀ ରେ ଗତ ଲଘୁଚାପ ଜନିତ ବର୍ଷା ରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ପୂର୍ବାହ୍ନ ରେ ଭୁବନେଶ୍ୱର ନିଜ ବାସ ଭବନରୁ ବାହାରି ପ୍ରଥମେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ର ଶେରଗଡ଼, ତାଙ୍କରଡା, ଗୋବିନ୍ଦନପୁର, ବୁରୁପଡା, ପୋଡ଼ଙ୍ଗୀ ଦେଇ ଚାଷୀ ମାନଙ୍କ ଉଜୁଡି ଯାଇଥିବା ଧାନ ଫସଲ ଦେଖିବା ସହ ଆସିକା ଠାରେ ପହଞ୍ଚି ଥିଲେ। ଏଠାରେ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ତହସିଲଦାର ସଂଗୀତା ସେନ, କୃଷି ଜିଲ୍ଲା ଅଧିକାରୀ ପ୍ରମୋଦ ମହାପାତ୍ର, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ ସମେତ ସମସ୍ତ ଅଧିକାରୀଙ୍କ ସହ ଚାଷୀମାନଙ୍କ କ୍ଷୟ କ୍ଷତି ଶୀଘ୍ର ଅକାଳନ ପାଇଁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେଙ୍କ ଚାଷୀର କ୍ଷୟକ୍ଷତି ବାବଦରେ ଆଲୋଚନା କରିବା ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ସମବେଦନା ଜଣାଇଥିଲେ। ଆସିକା କାର୍ଯ୍ୟକ୍ରମ ଶେଷ କରି କବିସୂର୍ଯ୍ୟନଗର ଅଭିମୁଖେ ଯାଇଥିଲେ । ଆଜିର ଏହି ଗସ୍ତ ସମୟରେ ବିଜେଡି ର ପୂର୍ବତନ ବିଧାୟକ ତଥା ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶଦାସ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ପ୍ରଦୀପ ଅମାତ,ବିଜେଡି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ଚୌଉପଟନାୟକ, ଜିଲ୍ଲା ପରିଷଦ ଅଧକ୍ଷ ଅଞ୍ଜଳି ସ୍ୱାଇଁ,ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ,ପୂର୍ବତନ ବିଧାୟକ ମଞ୍ଜୁଳା ସ୍ୱାଇଁ,ଏନ ଏ ସି ଉପାଧକ୍ଷା ଜୟନ୍ତୀ ବିଷୋୟୀ, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ଅଭିମନ୍ୟୁ ନାହାକ, ଯୁବ ନେତା ନଚିକେତା ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ,ବ୍ଲକ ସଭାପତି ରାଜେଶ ପଟନାୟକ,ଜିଲ୍ଲାପରିଷଦ ମନୋଜ କୁମାର ଦୋରା,ସରପଞ୍ଚ ଜୟସେନ ସ୍ୱାଇଁ,ମନୋଜ ପରିଡା,ଜୟନ୍ତୀ ବେହେରା,ସମିତି ସଭ୍ୟ ତ୍ରିନାଥ ବେହେରା,ନନ୍ଦ ବିଷୋୟୀ,ଚିନି ଶିଳ୍ପ ର ପରିଚାଳନା ସଭାପତି ରବୀନ୍ଦ୍ର ପଣ୍ଡା,କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଲୁ ଧର ସାହୁ,ଓ ନିର୍ଦ୍ଦେଶକ ପ୍ରମୋଦ କୁମାର ସ୍ୱାଇଁ, ତାରିଣୀ ସେନାପତି, ମହିଳା ନଗର ସଭାପତି ରଶ୍ମିତା ସେନାପତି,ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଆଗରପଡା ଯୁବ ମହୋତ୍ସବର ପଞ୍ଚମ ସଂଧ୍ୟା

## ଦର୍ଶକଙ୍କ ପାଇଁ ହସର ପେଡି ଖୋଲିଲେ ହାସ୍ୟାଭିନେତା ବ୍ରଜ ସିଂହ




ବନ୍ତ,୪/୧ (ନି.ପ୍ର): ତୃତୀୟ ବାର୍ଷିକ ଆଗରପଡ଼ା ଯୁବ ମହାସବ ପଞ୍ଚମ ସଂଧ୍ୟା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲାପରିଷଦ ଉପାଧକ୍ଷ ସୋମନାଥ ଦାସ ଯୋଗଦେଇ ଜାତି-ପ୍ରଗତୀ-ଅଗ୍ରଗତିର ମହାର୍ଘ୍ୟ ଚେତନା ଆଜିର ଯୁବ ପ୍ରାଣରେ ନବ ଉନ୍ମାଦନାର ପ୍ରଗତିକାମୀ ମନ୍ତ୍ରରେ ସତତ ଝଙ୍କୁରିତ ହେଉ। ଗାନ୍ଧୀ ମହାତ୍ମାଙ୍କ ପରିକଳ୍ପିତ ରାମରାଜ୍ୟର ସ୍ୱପ୍ନ ଯୁବ ଶକ୍ତିଙ୍କ ସ୍ୱାର୍ଥ ରହିତ କର୍ତ୍ତବ୍ୟ ପରାୟଣତା ଦ୍ୱାରା ହିଁ ସକାର ହୋଇ ପାରିବ ବୋଲି ସେ ତାଙ୍କ ବକ୍ତବରେ କହିଥିଲେ। କମିଟିର ସଭାପତି ଇଂ ଅମୀୟ ରାମ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଂଧ୍ୟାରେ ମୁଖ୍ୟ ବକ୍ତା ଭାବେ ବିଜେପି ଯୁବନେତା ତପନ ସିଂହ ଯୋଗଦେଇ ବିଳାସ ନୁହେଁ-ବିକାଶ, ଷୋଷଣ ନୁହେଁ-ପୋଷଣ,ଚେଷ୍ଟା ନୁହେଁ- ନିଷ୍ଠା ହିଁ ପ୍ରତିଟି ହୃଦୟରେ ପ୍ରତିଧ୍ୱନିତ ହେବା ନିତ୍ୟାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। କମିଟିର ସଭାପତି ଇଂ ଅମୀୟ ରଞ୍ଜନ ରାମଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଜଳିଉଡ ଜଗତର ଚର୍ଚ୍ଚିତ ନାୟକ ଗୌର ଦାସ, ନାରୀନେତ୍ରୀ କମଳା ପଣ୍ଡା, ଉପଦେଷ୍ଟା ତଥା ରାଜ୍ୟ ଓଡିଆ ଭାଷା ସଂସ୍କୃତି ଜାଗରଣ ମଞ୍ଚର ରାଜ୍ୟ ସଭାପତି ଜୈନୁଲ ଆନେଦିନ, ଶିକ୍ଷାବିତ ତଥା ପାଇମହୁରା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସର ପ୍ରାପ୍ତ ଅଧକ୍ଷ ଚିନ୍ତାମଣୀ ପ୍ରାଣିଗ୍ରାହୀ, ହରମୋହନ ପଣ୍ଡା, କମିଟିର କାର୍ଯ୍ୟକାରୀ ସଭାପତି ଗୟାଧର ପତି ପ୍ରମୁଖ ଯୋଗ ଦେଇ କମିଟିର ଆୟୋଜନକୁ ଭୂୟସୀ ପ୍ରଶଂସା କରିବା ସହ କମିଟି କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ।ଏହି ଅବସରରେ ଆଗରପଡ଼ା ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଚିନ୍ତମଣୀ ପାଣିଗ୍ରାହୀ,ହରମୋହନ ପଣ୍ଡା,ଜୟପ୍ରକାଶ ମହାନ୍ତି, ସରୋଜ ସାମଲ, ବିଭୂଦତ୍ତ ମହାନ୍ତି, ଯୁବ ବୈଜ୍ଞାନିକ ପ୍ରିୟଙ୍କା ପ୍ରିୟଦର୍ଶନୀ ସିଂହ ପ୍ରମୁଖଙ୍କୁ ଅତିଥି ମାନେ ପୁଷ୍ପ ଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ମାନପତ୍ର କୁ କମିଟିର କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ଜିତେନ୍ଦ୍ର ସତପଥି ଓ କୋଷାଧକ୍ଷ ନୃସିଂହ ଖୁଣ୍ଟିଆ ପଠନ କରିଥିଲେ। କମିଟିର ସଂପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ପୁହାଣ ସଂପାଦକୀୟ ବିବାରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସାମ୍ବାଦିକ ଜିତେନ୍ଦ୍ର ସତପଥି ଧନ୍ୟବାଦଅର୍ପଣ କରିଥିଲେ।

ଶେଷରେ ଦର୍ଶକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲେ ଓଡିଆ ସିନେମାର ବିଶିଷ୍ଟ ହାସ୍ୟାଭିନେତା ବ୍ରଜସିଂହ। ମଞ୍ଚକୁ ଆସିବା ପରେ ଦର୍ଶକ ଙ୍କ ପାଇଁ ଖୋଲିଥିଲେ ହସର ପେଡି, ହସି ହସି ବେଦମ୍ ହୋଇଥିଲେ ଉପସ୍ଥିତ ହଜାର ହଜାର ସଂଖ୍ୟାରେ ଦର୍ଶକ। ।ପରେ କଟକରୁ ଆସିଥିବା ମେଲୋଡି ପ୍ରିନ୍ସ ପକ୍ଷରୁ ମେଲୋଡି ପରିବେଷଣ କରାଯାଇଥିଲା। ଅପରାହ୍ନ ୪ ଘଟିକା ଠାରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ନୃତ୍ୟ ସଙ୍ଗୀତ, ମିସ୍ ଆଚାରପଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହେବା ସହ ସୁନାବୋହୁ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଆଜିର ଏହି ମହୋତ୍ସବରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଏହାକୁ ମନଭରି ଉପଭୋଗ କରିଥିଲେ। ପଡ଼ିଆରେ ଲାଗିଥିବା ଦୋଳୀ, ମୀନାବଜାର ଓ ଖାଦ୍ୟ ଷ୍ଟଲରେ ହଜାର ହଜାର ଦର୍ଶକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ନିରୋଜ ଆଇଚ, ଜୈନୁଲ ଆବେଦିନ କୋଷାଧକ୍ଷ ସାମ୍ବାଦିକ ନୃସିଂହ ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ତପନ ପୃଷ୍ଟି,ଯୁଗ୍ମ ସମ୍ପାଦକ ସାମ୍ବାଦିକ ବାବୁରାମ ବେହେରା, ଦିବ୍ୟ ଆକାଶ ପୁହାଣ, ହାପୀ ରାୟ, ଶୁଭମ ସିଂହ, ଚିତ୍ତରଞ୍ଜନ ଉଦ୍ ?ଗାତା, ସମ୍ରାଟ ସିଂହ, ଅଶୋକ ପାଣିଗ୍ରାହୀ, ଗୟାଧର ପତି,ଶୁଭେନ୍ଦୁ ବେହେରା, ପ୍ରକାଶ ଜେନା, କାହ୍ନୁ ଓ କହ୍ନେଇ ସିଂହଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଭିଡକୁ ଦୃଷ୍ଟିରେ ରଖି ଆଗରପଡ଼ା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ଶିଶୁ ପତ୍ରିକା ବାନରସେନା ପକ୍ଷରୁ ସାରସ୍ୱତ ସମାରୋହ ଓ ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ



କୋଣାର୍କ : କୋଣାର୍କ ସ୍ଥିତ ଯାତ୍ରୀ ନିବାସ ସମ୍ମେଳନ କକ୍ଷରେ ପିଲାଙ୍କ ଖବରକାଗଜ ବାନରସେନା ପକ୍ଷରୁ ୩୭ତମ ସାରସ୍ୱତ ସମାରୋହ ଅବସରରେ ବାନରସେନା ଶିଶୁ ପତ୍ରିକା ଉନ୍ମୋଚନ, ଶିଶୁ କବିତା ପାଠୋତ୍ସବ, ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଓ ସମ୍ବର୍ଦ୍ଧନା ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବାନରସେନା ଶିଶୁ ଖବରକାଗଜର ସମ୍ପାଦକ ତଥା ବରିଷ୍ଠ ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହ ଓ ପ୍ରତିଭା ସମ୍ମାନ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଥିଲେ। ମୁଖ୍ୟ ଅତିଥି ଶ୍ରୀ ସାମଲ ଦୀର୍ଘ ୩୭ବର୍ଷ ଧରି ବହୁ ଘାତ ପ୍ରତିଘାତ ଓ ବାଧାବିଘ୍ନ ମଧ୍ୟରେ ପିଲାଙ୍କ ଖବରକାଗଜ ବାନରସେନା ଶିଶୁ ମାନଙ୍କ ବୌଦ୍ଧିକ ଓ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ସମାଜରେ ପ୍ରତିଷ୍ଠିତ ହୋଇପାରିଛି ତାହା ସମାଜ ପାଇଁ ଏକ ମାଇଲି ଖୁଣ୍ଟ ସଦୃଶ। ଏହି ପ୍ରତ୍ରିକା ୩୭ବର୍ଷ ବୟସରେ ଶିଶୁ ହୋଇ ରହିଛି ତାହା ସର୍ବଦା ଶିଶୁ ହୋଇ ରହିଥାଉ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ସାମଲ ମତବ୍ୟକ୍ତ କରିଥିଲେ। ପତ୍ରିକାର କଳେବର ବୃଦ୍ଧି, ସୁନ୍ଦର, ଡିଜିଟାଇଜେସନ ହେବା ସହିତ ଏହା ରୂପାନ୍ତରିତ ହୋଇ ପରିବେଷଣର ମାଧ୍ୟମ ବଦଳିବା ଉପରେ ମତବ୍ୟକ୍ତ କରିଥିଲେ। ଜୀବନକୁ ଭଲ ପାଇ ଜାଣିଲେ ଜଣେ ସାଧକ ହୋଇ ଚିନ୍ତା ଚେତନା ଓ ସୃଜନଶୀଳ କାବ୍ୟ, କବିତା ଓ ସମାଜ ସଂସ୍କାରକ ଭାବରେ ନିଜକୁ ପ୍ରତିଷ୍ଠିତ କରି ଓଡିଆ ଭାଷା ସାହିତ୍ୟର ସୁରକ୍ଷା ଦିଗରେ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରେ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଭୁବନେଶ୍ୱର ସ୍ଥିତ କିଟ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ତଥା ଶ୍ରୀସାହିତ୍ୟର ସଂପାଦକ ଶ୍ରୀକୃଷ୍ଣ ନାୟକ, କିଟ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବରିଷ୍ଠ କବି ରକ୍ଷକ ନାୟକ, ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ବିଶିଷ୍ଟ ଶିଶୁ ସାହିତ୍ୟକ ଅନ୍ତର୍ଯ୍ୟାମୀ ପ୍ରଧାନ, ଓଡିଶା ଖଣି ନିଗମ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅଶୋକ କୁମାର ବେହେରା ଓ ଶିକ୍ଷାବିତ ହରିହର ସାହୁ ପ୍ରମୁଖ ଯୋଗଦେଇ ଶିଶୁ ମାନଙ୍କ ପାଇଁ ବାନରସେନା ଖବରକାଗଜର କାର୍ଯ୍ୟଧାରା ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଏହା ଶିଶୁ ମାନଙ୍କ ପ୍ରତିଭାର ବିକାଶ ଓ ସମାଜରେ ସେମାନଙ୍କ ପରିଚୟ ସୃଷ୍ଟି ଦିଗରେ ନିରନ୍ତର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାନରସେନା ପ୍ରତ୍ରିକାର ସଂପାଦକ ତଥା ବରିଷ୍ଠ ଶିକ୍ଷାବିତ ପ୍ରତ୍ରିକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବାନରସେନା ପତ୍ରିକାର ସହ ସମ୍ପାଦକ ଶିକ୍ଷାବିତ ସ୍ନେହଲତା ପରିଡା ପତ୍ରିକାର ଦୀର୍ଘ ୩୭ ବର୍ଷର ସଫଳତା ଉପରେ ଆଲୋଚନା କରିଥିଲେ। ଏହି ସମାରୋହରେ କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି କାର୍ଯ୍ୟକ୍ରମ ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଶିଶୁ ସାହିତ୍ୟ ଉପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବରିଷ୍ଠ କବି ଉମାକାନ୍ତ ମହାପାତ୍ର, ରେଡ଼ିଓ ନମସ୍କାରର ଅଧକ୍ଷ ଏନ୍ ଏ ଶାହ ଅନସାରୀ, ବରିଷ୍ଠ ପ୍ରଧ୍ୟାପକ ରବିନ୍ଦ୍ର ନାଥ ପାଢୀ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ ଓ କବୟିତ୍ରୀ ସୁଜାତା ସ୍ୱିହା ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାରସ୍ୱତ ସାଧକ, ସାଧିକା, ଶିକ୍ଷାବିତ କ୍ରୀଡା ସଂଗଠକ ଓ ଶିଶୁ ପ୍ରତିଭା ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ମାନଙ୍କୁ ମୁଖ୍ୟ ଅତିଥି ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ମାନପତ୍ର, ଫୁଲତୋଡା ଓ ଔପଢକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୧୦୦ରୁ ଉର୍ଦ୍ଧ୍ୱ ଶିଶୁ ସାହିତ୍ୟିକ, କବି କବୟିତ୍ରୀ ଓ ଶିଶୁ ପ୍ରତିଭା ମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗବେଷକ ସଂଜୟ କୁମାର ବରାଳ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣ ଲତା ତ୍ରିପାଠୀ, ଶିକ୍ଷକ ଚିତ୍ତରଞ୍ଜନ ବିଶ୍ୱାଳ, ଶିକ୍ଷାବିତ କାମଦେବ ବିଶ୍ୱାଳ, ରମେଶ ଚନ୍ଦ୍ର ନାୟକ ଙ୍କ ସମେତ ବାନରସେନା ପରିବାରର ସଦସ୍ୟ ମାନେ ପରିଚାଳନା କରିଥିଲେ।

# ଏକ୍ସେଲ୍ ଶିଲ୍ଡ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୨୦୨୪ ରେଡ୍ ଷ୍ଟାର କ୍ରିକେଟ୍ କ୍ଲବ୍ ବିଜେତା




ଭୁବନେଶ୍ୱର :ଭୁବନେଶ୍ୱରର ସେଣ୍ଟ ଯୋଶେଫ ହାଇସ୍କୁଲ ପଡିଆରେ ରବିବାରଦିନ ଅନୁଷ୍ଠିତ ହୋଇଥିବା ଏକ୍ସେଲ ସିଲ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୪ର ଫାଇନାଲ ରୋମାଞ୍ଚକର ମ୍ୟାଚରେ ସହିଦ ସ୍ପୋର୍ଟିଂ କ୍ଲବକୁ ୧୮ ରନରେ ହରାଇ ଚାମ୍ପିଅନ୍ସ ଟ୍ରଫି ହାସଲ କରିଛି ରେଡ୍ ଷ୍ଟାର କ୍ରିକେଟ୍ କ୍ଲବ୍ । ଫାଇନାଲ ମ୍ୟାଚରେ ଉଭୟ ଦଳ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା ।ଟସ୍ ଜିତି ରେଡ୍ ଷ୍ଟାର କ୍ରିକେଟ୍ କ୍ଲବ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୧୮୧ ରନ ଟାର୍ଗେଟ୍ ଦେଇଥିଲା, ଯାହାକୁ ସହିଦ ସ୍ପୋର୍ଟିଂ ଦଳକୁ ମୁକାବିଲା କରିବା କଷ୍ଟକର ହୋଇପଡ଼ିଥିଲା। ସପ୍ତାହବ୍ୟାପୀ ଚାଲିଥିବା ଏକ୍ସେଲ ସିଲ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୪, ଚାମ୍ପିଅନ୍ସ ଟ୍ରଫିରେ ୧୪ ବର୍ଷରୁ କମ୍ ବୟସ ଶୃଙ୍ଖଳା ଚମ୍ପିଆନସିପ୍ରେ ଓଡ଼ିଶାରୁ ୧୬ଟି କ୍ରିକେଟ୍ ଟିମ୍ ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରଉଦ୍ଯାପନୀ ତଥା ଫାଇନାଲ ମ୍ୟାଚ ଡିସେମ୍ବର ୨୯ତାରିଖରେ ଖେଳାଯାଇଥିଲା । ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ ଅନ୍ତର୍ଜାତୀୟ ଆଥଲେଟ୍ ତଥା ସ୍ପ୍ରିଣ୍ଟର ଅନୁରାଧା ବିଶ୍ୱାଳ,ବିଶିଷ୍ଟ ରାଜନେତା ଜଗନ୍ନାଥ ପ୍ରଧାନ,ଭାରତୀୟ କରାଟେ ଖେଳାଳି ଭାଲେନା ଭାଲେଣ୍ଟିନା, ପାରା ଆଥଲେଟ୍ ରାଖାଲ କୁମାର ସେଠୀ, ସେଣ୍ଟ ଯୋଶେଫ ହାଇସ୍କୁଲର ସଂଯୋଜିକା ଜୟନ୍ତୀ ସାମୁଏଲ, ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟ, ଟିବିଟି ଅନସାରୀ, ତାମିଲ ସଙ୍ଘର ସାଧାରଣ ସମ୍ପାଦକ ଡ. ଗୌର ଚନ୍ଦ୍ର ମହାପାତ୍ର, ସଭାପତି ଏକ୍ସେଲ କ୍ରିକେଟ ଏକାଡେମୀ ଡ଼ଃ ରଘୁନାଥ ରାଓ ବିଜେତା ଦଳ ଓ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।ଓଡ଼ିଶାର ବର୍ଷର ସବୁଠାରୁ ଉଦୀୟମାନ କ୍ରିକେଟରଙ୍କୁ ପୁରସ୍କୃତ କରିବା ପାଇଁ ଏକ୍ସେଲ କ୍ରିକେଟ ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଛି ଏବଂ ଚଳିତ ବର୍ଷ ସୟଦ ତୁଫୈଲ ଅହମ୍ମଦଙ୍କୁ ଏହି ପୁରସ୍କାରପ୍ରଦାନ ପାଇଁ ମନୋନୀତ କରାଯାଇଥିଲା ।ଅନ୍ତର୍ଜାତୀୟ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଆନୁଷ୍ଠାନିକ ଭାବେ ମହିଳା ପ୍ରିମିୟର ଲିଗ୍ ୨୦୨୫ (କୁ ଉଦ୍ଘାଟନ କରିଥିଲେ ଯାହା ଏକ୍ସେଲ କ୍ରିକେଟ୍ ଏକାଡେମୀଦ୍ୱାରା ଅନୁଷ୍ଠିତ ହେବ ।ଏହି ଉଟଖ ୨୦୨୫ ଓଡ଼ିଶାର ଯୁବ ବାଳିକା କ୍ରିକେଟ୍ ଖେଳାଳୀମାନଙ୍କ ପାଇଁ ସର୍ବୋଚ୍ଚ ପ୍ରତିଯୋଗିତାମୂଳକ ସ୍ତରରେ ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ ଯାହା ଦ୍ୱାରା ଭବିଷ୍ୟତର ବୃହତ ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରିବା ପାଇଁ ସେମାନଙ୍କର ଦକ୍ଷତାର ବୃଦ୍ଧିଘଟିବ। ଏହାର ପଞ୍ଜୀକରଣ ୧୧ ଜାନୁୟାରୀ ୨୦୨୫ ରୁ ର ଅଫିସିଆଲ୍ ୱେବସାଇଟରେ ଆରମ୍ଭ ହେବ ।ଏକ୍ସେଲ କ୍ରିକେଟ୍ ଏକାଡେମୀ ହେଉଛି ଶ୍ରୀମନ୍ତ ସୁଆର ଓ ଶ୍ରୀମତୀ କବିତା ସୁଆର ଏବଂ କୋଚ୍ ମହମ୍ମଦ୍ ଆଜାଦ୍ଙ୍କର ଏକକ ଦୃଷ୍ଟିକୋଣ । କ୍ରିକେଟିଂ ପ୍ରତିଭାମାନଙ୍କୁ ପ୍ରତିଯୋଗୀ ପ୍ଲାଟଫର୍ମ ଯୋଗାଇବା ଏବଂ ଦଳଗତ କାର୍ଯ୍ୟ ଏବଂ କ୍ରୀଡ଼ାବିମୂଲ୍ୟବୋଧକୁ ଉତ୍ସାହିତ କରିବା ପାଇଁ ଏହା ଲକ୍ଷ୍ୟ ରଖିଛି । ଏହି କାର୍ଯ୍ୟକ୍ରମକୁ ଶ୍ରୀ ପ୍ରଶାନ୍ତ କୁମାର ପ୍ରଧାନ ତଥା ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା ଅତି ସୁନ୍ଦର ଭାବରେ ଆୟୋଜନ କରିଥିଲେ।

# କେନ୍ଦୁଝରର ଡିଏମ୍ଏଫ୍ ଦୁର୍ନୀତି: ତଦନ୍ତ କମ୍,ଚିଠି ବେଶି



କେନ୍ଦୁଝର,୪/୧: ଡିଏମ୍ଏଫ୍ ଅନୁଦାନ ବ୍ୟୟରେ ହୋଇଛି ଆଖିବୁଜା ଦୁର୍ନୀତି। ସରକାର ଏହାର ତଦନ୍ତ ହେବ ବୋଲି କହିଥିଲେ। ସିଏଜି ଅଡିଟ୍‌ରେ କିଛି ଅଧିକ ପର୍ଦ୍ଦାଫାସ ହେବ ବୋଲି ଆଶା କରାଯାଉଥିଲା, କିନ୍ତୁ ଏ ପର୍ଯ୍ୟନ୍ତ ଅଡିଟ୍ ହେଲାନାହିଁ। ପରିସ୍ଥିତି ଏମିତି ଯେ ହଜାରହଜାର କୋଟି ଟଙ୍କା ଦୁର୍ନୀତିର ତଦନ୍ତ କେବଳ ଚିଠି, ନିର୍ଦ୍ଦେଶନାମା ମଧ୍ୟରେ ସୀମିତ ରହିଛି। ଡିଏମ୍ଏଫ୍ ଦୁର୍ନୀତିର ଏକାଧିକ ଉଦାହରଣ ଥିଲେ ମଧ୍ୟ ଷରମରା ଦୁର୍ନୀତି ଏହାର ଏକ ପ୍ରମୁଖ ଉଦାହରଣ। କେନ୍ଦୁଝର ଜିଲ୍ଲାରେ ରହିଛି ୪୫୨ଟି ଉଚ୍ଚବିଦ୍ୟାଳୟ। ଏହି ବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇ ଡିଏମ୍ଏଫ୍ ପାଣ୍ଠିରୁ ବିଦ୍ୟାଳୟର କବାଟ ଓ ଝରକାରେ ଷ୍ଟିକରିଂ କରାଯାଇଥିଲା। ଏ ବାବଦରେ ପ୍ରତି ବିଦ୍ୟାଳୟରେ ପ୍ରାୟ ୨.୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ତିନୋଟି ପର୍ଯ୍ୟାୟରେ ଏହା ଭିତରେ ୩୪୦ ବିଦ୍ୟାଳୟର ଝରକା ଓ କବାଟରେ ଷ୍ଟିକରିଂ ହୋଇଛି। ଏଥିପାଇଁ ପ୍ରାୟ ୮ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ବିପୁଳ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ଏହି କାମ ପାଇଁ ଟେଣ୍ଡର ହୋଇନାହିଁ। ବିନା ଟେଣ୍ଡରରେ 'ପ୍ରୀତି ପଣ୍ଡା ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍'କୁ ଏହି କାମ ଦିଆଯାଇଥିଲା। ଏ ସଂପର୍କରେ ଏକାଧିକ ଖବର ପ୍ରକାଶ ପାଇବା ପରେ ଯୋଜନା ଓ ସମନ୍ୱୟ ବିଭାଗର ଅତିରିକ୍ତ ସଚିବ ପ୍ରଦ୍ୟୁମ୍ନ କୁମାର ମହାକୁଡ଼ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଚିଠି ସଂଖ୍ୟା-୧୧୨୩୪/ ଡାଗା/୮/ ୨୦୨୪ ଅନୁସାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ନିୟମାବଳୀ-୨୦୧୫ ଅନୁସାରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଥିରେ ବିଶେଷ କିଛି ଅଗ୍ରଗତି ହୋଇନାହିଁ। ଗତ ସେପ୍ଟେମ୍ବର ମାସରେ ଆଉରିସି ଡିଏମ୍ଏଫ୍ ସଂପର୍କିତ ସବୁ ପ୍ରକଳ୍ପର ତଥ୍ୟ ମାଗିବା ସହ ଏହାର ସମୀକ୍ଷା କରିବାକୁ ଚିଠିରେ ଉଲ୍ଲେଖ ଥିଲା। ପ୍ରକଳ୍ପ ବାବଦରେ ସରକାରଙ୍କୁ କ'ଣ ରିପୋର୍ଟ ଦିଆଗଲା, ତାହା ଜଣାପଡ଼ିନାହିଁ। ଯଦି ସରକାରଙ୍କୁ ରିପୋର୍ଟ ଦିଆଯାଇଛି ତେବେ କାହିଁକି ଏଯାଏଁ କାର୍ଯ୍ୟାନୁଷ୍ଠାନ ହେଉନି ତାକୁ ନେଇ ପ୍ରଶ୍ନ ଉଠିଛି। ହଜାରହଜାର କୋଟି ଟଙ୍କାର କାରବାରକୁ କେବଳ ସ୍ଥାନୀୟ ସ୍ତରରେ ଅଡିଟ୍ କରାଯାଉଥିବାରୁ ସ୍ୱଚ୍ଛତା ନେଇ ସନ୍ଦେହ ଥିଲା। ଏଠାରେ ୨୦୧୫-୧୬ ରୁ ଆରମ୍ଭ ହୋଇଥିବା କେନ୍ଦୁଝର ଡିଏମ୍ଏଫ୍‌ର ପରିଚାଳନା ଦାୟିତ୍ୱ ନେଇଥିଲା ଇ ଆଣ୍ଡ ୱାଇ। ପରେ ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ସାମଲ ଆଣ୍ଡ ଆସୋସିଏଟ୍ସ ଅଡିଟ୍ କରିଥିଲାବେଳେ ୨୦୧୮-୧୯ରେ ଭୁବନେଶ୍ୱରସ୍ଥିତ ଏସ୍‌ସିଏମ୍ ଆସୋସିଏଟ୍ ଫାର୍ମ ଏବଂ ୨୦୧୯-୨୦ରେ ନାଗ୍ ଆଣ୍ଡ ଆସୋସିଏଟ୍ସ ଫାର୍ମ ଡିଏମ୍ଏଫ୍‌ର ଅଡିଟ୍ କରିଥିଲେ। ଚିଠିରେ ଦର୍ଶାଯାଇଥିଲା ଯେ ଡିଏମ୍ଏଫ୍ ଟ୍ରଷ୍ଟର ଅଡିଟ୍ ସହିତ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନାର କାର୍ଯ୍ୟଦକ୍ଷତା ସଂପର୍କରେ ସିଏଜି ଦ୍ୱାରା ଅଡିଟ୍ ହେବ। ଇତିମଧ୍ୟରେ ଏହି ଚିଠିକୁ ଛଅ ମାସରୁ ଅଧିକ ହେଲାଣି। ତଥାପି କେନ୍ଦୁଝରକୁ ଆସି ନାହାନ୍ତି ଅଡିଟ୍ ଟିମ୍। ବିଜେଡି ସରକାର ସମୟରେ ଡିଏମ୍ଏଫ୍ ପାଣ୍ଠିକୁ ଯେଭଳି ହାତପାଣ୍ଠି ଭଳି ବ୍ୟବହାର କରାଯାଉଥିଲା, ଏବେ ବିଜେପି ସରକାର ସମୟରେ ଏହି ଦୁର୍ନୀତିର ପର୍ଦ୍ଦାଫାସ ହେବ ବୋଲି ଆଶା କରାଯାଉଥିଲା। ତେବେ ତଦନ୍ତ କମ୍, ଚିଠି ବେଶିରେ ଏହା ସୀମିତ ରହିଛି ବୋଲି ଚର୍ଚ୍ଚା ହେଉଛି।

## ଅନନ୍ୟ ପର୍ଯ୍ୟଟନସ୍ଥଳୀ ଗାଗରି ଡୁଡୁମା ଉନ୍ନତି ପାଇଁ ଉଦଲିବେଡା ପଞ୍ଚାୟତର ଉଦ୍ୟମ

ମାଲକାନଗିରି: ମାଲକାନଗିରି ଜିଲ୍ଲାରେ ଏଭଳି ବହୁ ପର୍ଯ୍ୟଟନ ସ୍ଥଳୀ ରହିଛି,ଯାହାର ଚିହ୍ନଟ ଆଜି ପର୍ଯ୍ୟନ୍ତ ନା ପ୍ରଶାସନ କରିପାରିଛି ନା ସରକାରଙ୍କ ନିକଟରେ ଖବର ରହିଛି। ଏଭଳି ଲୁକ୍କାୟିତ ପର୍ଯ୍ୟଟନ ସ୍ଥଳୀକୁ ସ୍ଥାନୀୟ ପଞ୍ଚାୟତଗୁଡିକ ଚିହ୍ନଟ କରି ସେଗୁଡିକକୁ ଏବେ ଉନ୍ନତି କରିବାରେ ଲାଗିଛନ୍ତି। ଯାହାଫଳରେ ପର୍ଯ୍ୟଟକଙ୍କ ସୁଅ ଛୁଟିବ ଏବଂ ପଞ୍ଚାୟତର ଆର୍ଥିକ ସ୍ଥିତି ମଧ୍ୟ ସୁଦୃଢ ହେବ ବୋଲି କୁହାଯାଇଛି। ଜିଲ୍ଲାର ୨୦ରୁ ଉର୍ଦ୍ଧ୍ୱ ଲୁକ୍କାୟିତ ପର୍ଯ୍ୟଟନସ୍ଥଳୀ ମଧ୍ୟରୁ 'ଗାଗରି ଡୁଡୁମା' ଅନ୍ୟତମ। ଏହି ଗାଗରି ଡୁଡୁମା ମାଥିଲି ପଞ୍ଚାୟତର ଉଦଲିବେଡା ପଞ୍ଚାୟତ ଅଧିନରେ ରହିଛି। ଗାଗରି ଡୁଡୁମାଠାରେ ଏକ ଜଳପ୍ରପାତ ରହିଥିବା ବେଳେ ଜଳରାଶିରେ ନିର୍ମିତ କାଠରେ ତିଆରି ଝୁଲା ପୋଲ ଏବଂ ରାସ୍ତା ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରୁଛି। ଏବେ ପର୍ଯ୍ୟଟନ ଋତୁ ହୋଇଥିବାରୁ ଏଠାରେ ପ୍ରତିଦିନ ଶହ ଶହ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଉଦଲିବେଡା ପଞ୍ଚାୟତ ତରଫରୁ ଘାଟ କଟିଂ କରାଯାଇ ରାସ୍ତା ମରାମତି ଆରମ୍ଭ ହୋଇଛି। ପ୍ରତିଦିନ ଶତାଧିକ ଯାନବାହାନ ଏଠାକୁ ଆସୁଥିବାରୁ ପଞ୍ଚାୟତ ତରଫରୁ ସମସ୍ତ ଯାନବାହାନ ଠାରୁ ୫୦ ଟଙ୍କା ଲେଖାଏଁ ସହଯୋଗ ରାଶି ଆଦାୟ କରାଯାଉଛି। ଯାହାକୁ ଆଗାମୀ ଦିନରେ ଏହି ଗାଗରି ଡୁଡୁମାର ଉନ୍ନତିରେ ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି। ନୂଆବର୍ଷରେ ଉପଲକ୍ଷେ ଏଠାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶତାଧିକ ଲୋକ ଭୋଜିର ଆସର ଜମାଇବା ସହ ଏହା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ଗାଗରି ଡୁଡୁମାକୁ ଯିବାପାଇଁ ଜୟପୁରରୁ ମାଲକାନଗିରିରୁ ଗୋବିନ୍ଦପାଲୀ ପର୍ଯ୍ୟନ୍ତ ଯିବା ପରେ ସେଠାରୁ ଖଇରପୁଟ ରାସ୍ତାର ତିନି କିଲୋମିଟର ଯିବା ପରେ ଖେମାଗୁରୁ ଗ୍ରାମ ଠାରୁ ମାତ୍ର ୨ କିଲୋମିଟର ଦୁରରେ ରହିଛି ଏହି ପର୍ଯ୍ୟଟନ ସ୍ଥଳୀ। ଭୋଜି କରିବା ଏବଂ ବୁଲିବା ପାଇଁ ଏଠାକାର ପରିବେଶ ବେଶ ଅନୁକୂଳ। ଏଥିସହ ଏଠାରେ ପର୍ଯ୍ୟଟକମାନେ ଫଟୋ ଉଠାଇ ସୋସିଆଲ ମିଡିଆରେ ଏହାକୁ ପୋଷ୍ଟ କରୁଛନ୍ତି। ଏହାର ଉନ୍ନତି ହେବା ସହ ଏଠାକୁ ଯାଉଥିବା ରାସ୍ତା ନିର୍ମାଣ ହେଲେ ଆହୁରି ଅଧିକ ପର୍ଯ୍ୟଟକ ଏଠାକୁ ଆସିପାରନ୍ତେ ବୋଲି ପର୍ଯ୍ୟଟକ ଯିତେନ୍ଦ୍ର ବେଉରା,ବିକ୍ରମ ପାତ୍ର,ରଂଜିତ ଶାହା,ଦେବ ବ୍ରତ ସାନା,ପ୍ରସାଦ ନାୟକ,ଲାଲୁ ପାଲ ପ୍ରମୁଖ ପ୍ରକାଶ କରିଛନ୍ତି। ଗାଗରି ଡୁଡୁମା ଏକ ଅନନ୍ୟ ପର୍ଯ୍ୟଟନ ସ୍ଥଳୀ ହୋଇଥିବା ବେଳେ ଏହାର ମନଲୋଭା ଝରଣା ଏବଂ ଜଳପ୍ରପାତ ଲୋକଙ୍କ ହୃଦୟକୁ ଛୁଇଁଛି। ଯିଏ ଥରେ ଏଠାକୁ ଆସେ ସେ ପୁଣି ଏଠାକୁ ଆସିବାକୁ ପସନ୍ଦ କରିବ ବୋଲି ସ୍ଥାନୀୟ ଲୋକେ କୁହନ୍ତି।



## ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନୂତନ ବର୍ଷର ଶୁଭେଚ୍ଛା



ବୁଗୁଡା ୪/୧(ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଅଧିକାରୀ ଓ ବ୍ୟକ୍ତି ବିଶେଷଙ୍କୁ ୨୦୨୫ ନୂତନ ବର୍ଷର ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପୋଲସରା ନିର୍ବାଚନ ମଣ୍ଡଳୀ ମାନ୍ୟବର ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ବୁଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ମୟ ମହାପାତ୍ର, ବୁଗୁଡା ତହସିଲଦାର ଓ ବିଡ଼ିଓ ତାପସ ରାଉତ ଏବଂ ସବ୍ ଟ୍ରେଜେରୀ ଅଫିସର ମଞ୍ଜୁଳା କୁମାରୀ ପଣ୍ଡା ଙ୍କୁ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜାନୁଆରୀ ୦୧ ତାରିଖ ଦିନ ଶୁଭେଚ୍ଛା ଜ୍ଞାପନ କରାଯାଇଥି। ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ନଗେନ୍ଦ୍ର ଷଡଙ୍ଗୀ, ନୂତନ ପେନସନ ଶିକ୍ଷକ ସଂଘ ଉପସଭାପତି ସନ୍ତୋଷ କୁମାର ପାତ୍ର, କାଳୀ ଚରଣ ଆଚାର୍ଯ୍ୟ , ସୁରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୂର୍ବତନ ଶିକ୍ଷକ ନେତା ତଥା ବରିଷ୍ଠ ସାମ୍ବାଦିକ ଅନିଲ କୁମାର ମହାରଣାଙ୍କ ନିଜ ଗ୍ରାମ ମାଣିତରାକୁ ମିଳିତ ଶିକ୍ଷକ ସଂଘ ପକ୍ଷରୁ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶ, ନୂତନ ପେନସନ ଶିକ୍ଷକ ସଂଘ ଉପସଭାପତି ସନ୍ତୋଷ କୁମାର ପାତ୍ର, ମାଣିତର କ୍ଲଷ୍ଟର ସିଆରସିସି ଶଶିକାନ୍ତ ପାତ୍ର, ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାୟକ, ଭୋଗଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ପ୍ରଧାନ, ସାପୁଆପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ଓ ତାମ୍ବୀରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଯାଇ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ସ୍ୱାସ୍ଥ୍ୟବାନ ରହିବାକୁ କାମନା କରିଥିଲେ।

## ବିଚାରପତିଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଲା ବାଣପୁର ଓକିଲ ସଂଘ

ବାଣପୁର ୪/୧(ନି.ପ୍ର): ଇଂରାଜୀ ନବବର୍ଷ ଉପଲକ୍ଷେ ଗୁରୁବାର ଦିନ ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ନାତକୀ ଦାସଙ୍କୁ ଶୁଭେଚ୍ଛା ଜଣାଇଛି ବାଣପୁର ଓକିଲ ସଂଘ। ସଂଘ ସଭାପତି ବୃନ୍ଦାବନ ପ୍ରଧାନ ଓ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତାଙ୍କ ନେତୃତ୍ୱରେ ଓକିଲମାନେ ଉଭୟ ବିଚାରପତିଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ନବ ବର୍ଷର ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉତ୍ତୋରତର ଉନ୍ନତି କାମନା କରିଥିଲେ।ଏହି ଅବସରରେ ଉଭୟ ବିଚାରପତି ଓକିଲ ସଂଘକୁ ଏଥି ନିମନ୍ତେ ଧନ୍ୟବାଦ ଜଣାଇବା ସହ ବାର ଏବଂ ବେଞ୍ଚ ମଧ୍ୟରେ ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସୁସମ୍ପର୍କ ବଜାୟ ରହିବ ବୋଲି ସଂଘ ଠାରୁ ଆଶା କରିଥଲେ। ଏହି ଅବସରରେ ସଂଘ ଉପ ସଭାପତି ରାମଚନ୍ଦ୍ର ପଲାଇ, ସହ ସମ୍ପାଦକ ନରେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭ୍ୟ ଦେବବ୍ରତ ବଡ଼ଜେନା, ସନ୍ତୋଷ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ସନ୍ଦୀପ କୁମାର ମହାପାତ୍ର, ଅନ୍ନଦା ଷଡ଼ଙ୍ଗୀ, ପଦ୍ମଜା ପଟ୍ଟନାୟକ,ସୀତାରାମ ଅଗ୍ରୱାଲ,କାମେଶ୍ୱର ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସତ୍ୟବାଦୀ ବିଧାୟକଙ୍କୁ ନୂତନ ବର୍ଷର ଅଭିନନ୍ଦନ

କଣାସ୪/୧(ନି.ପ୍ର): ବିଦାୟ ନେଇଛି ବର୍ଷ ୨୦୨୪ ଆସିଛି ନୂତନ ବର୍ଷ ୨୦୨୫ । ନୂତନ ବର୍ଷକୁ ସଧାରଣ ଜନତା ଓ ନେତା ଧୁମ୍ ଧାମରେ ପାଳନ କରିଛନ୍ତି ।ଏହି ଅବସରରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ନୂତନ ବର୍ଷର ଅଭିନ୍ଦନ ଜଣାଇଛନ୍ତି ନିର୍ବାଚନ ମଣ୍ଡଳୀର ପୁରୁଖା ନେତା , କର୍ମୀ,ଶୁଭେଚ୍ଛୁ ଓ ସମର୍ଥକ ।ବିଧାୟକ ଶ୍ରୀ ମିଶ୍ର ନିର୍ବାଚନ ମଣ୍ଡଳୀର ଉର୍ଣ୍ଣତି ଆଶା କରିବା ସହ ସୁଖଶାନ୍ତି ସମୃଦ୍ଧି ଆଶାକରିଛନ୍ତି ।କଣାସ ଓ ସତ୍ୟବାଦୀର ଜନ ସାଧାରଣଙ୍କ ମଙ୍ଗଳ ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାଥନା କରିଛନ୍ତି ।ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ,କଣାସ ଓ ସତ୍ୟବାଦୀ ଦୁଇଟି ବ୍ଲକର ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ,କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଦେଇପୁର ସରପଞ୍ଚ ପ୍ରତିନିଧି ଅଜୟ ପ୍ରଧାନ,ବିଜପି ଯୁବନେତା ସଞ୍ଜୀବ ବଳିଆରସିଂହ,ଅଣ୍ଡାରସିଂହ ପଞ୍ଚାୟତ ସରପଞ୍ଚ ସମିତିସଭ୍ୟ, ବ୍ଲକର ପୂର୍ବତନ ଆମ୍ବା ଅଧକ୍ଷ ସଞ୍ଜୟ ଭୋଳ, ସାହୁପଡ଼ା ସରପଞ୍ଚ ଭିକାରୀ ବଳିଆରସିଂହ,ବ୍ଲକ ଉପାଦକ୍ଷ ଅଭିମନ୍ୟୁ ଜୟସିଂହ,ନାରୀ ସଭାନେତ୍ରୀ ଉଲ୍ଲାସ ସାମନ୍ତରାୟ,ଆମ୍ବା ଅଧକ୍ଷ ବିଶ୍ୱଭୂଷଣ ମଙ୍ଗରାଜ, ସିଡିପିଓ ସ୍ମିତା ମହାନ୍ତି ,ଅଙ୍ଗନୱାଡ଼ି ସଂଘ ସଭାନେତ୍ରୀ ପ୍ରତିମା ମଞ୍ଜରୀ ଦତ୍ତ ଓ ଅନେକ ସରପଞ୍ଚ, ସମିତିସଭ୍ୟ, ଛାମୁଆ କର୍ମୀ ବିଧାୟକଙ୍କ ବାସଭବନରେ ପହଁଞ୍ଚି ପୁଷ୍ପଗୁଚ୍ଛ ଦେବା ସହ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ ।

## ମିଠା ପୁଡିଆ ବାଣ୍ଟି ନୂଆ ବର୍ଷ ପାଳିଲେ ଷ୍ଟେଟବ୍ୟାଙ୍କ କର୍ମଚାରୀ


ଗୁଣପୁର ୪/୧(ନି.ପ୍ର): ଇଂରାଜୀ ନବ ବର୍ଷ ୨୦୨୫ କୁ ଗୁଣପୁରବାସି ଧୁମଧାମରେ ପାଳନ କରୁଥିବା ବେଳେ , ଯାଯାବର ଜୀବନ ବିତାଉଥିବା ଅସହାୟ ଲୋକଙ୍କ ପାଇଁ ନବ ବର୍ଷ ପାଳନ ସତେ ଯେମିତି ସାତ ସପନ । ସେମାନେ ଖରା ଶିତରେ ଗାଁ କୁ ଗାଁ ବୁଲିବୁଲି ଲୁହାକୁ ତରଳାଇ ବିଭିନ୍ନ ଆକୃତି ଦେଇଥାନ୍ତି । ସେଇ ଲୁହା ତାତିରେ ମୁଣ୍ଡ ଝାଳକୁ ତୁଣ୍ଡରେ ମାରି ନିଜର ଓ ପରିବାରର ପେଟ ପୋଷିଥାନ୍ତି । ଏମାନଙ୍କ ପରିବାର ଦିନକୁ ଦୁଇଓଳି ଦାନା ଯୋଗାଡ଼ କରିବା କଷ୍ଟକର ହେଉଥିବା ବେଳେ, ନୂଆ ବର୍ଷ ପାଳନ କରିବା କଥା ସେମାନଙ୍କ ଭାବନା ବାହାରେ । ନବ ବର୍ଷ ୨୦୨୫ ଅବସରରେ ଏଭଳି ଅସହାୟଙ୍କ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରିଛି ଷ୍ଟେଟବ୍ୟାଙ୍କ, ଗୁଣପୁର ଶାଖା । ନୂଆ ବର୍ଷ ଅବସରରେ ବରିଷ୍ଠ ପ୍ରବନ୍ଧକ ଅରବିନ୍ଦ ଲେଙ୍କା ଓ ବ୍ୟାଙ୍କର ବରିଷ୍ଠ କର୍ମଚାରୀ ଏସ ମୋହନ କୁମାର ଗୁଣପୁର ବିଭିନ୍ନ ସ୍ଥାନକୁ ଯାଇ ଗରିବ ଯାଯାବର ଲୋକଙ୍କୁ ମିଠା ପୁଡିଆ ବଣ୍ଟନ କରି ନୂଆ ବର୍ଷର ଅଭିନନ୍ଦନ ଜଣାଉଥିବା ଦେଖିବାକୁ ମିଳିଛି । ବ୍ୟାଙ୍କ କର୍ମଚାରୀଙ୍କ ଏପରି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

## ନୂଆଦିଲ୍ଲୀର ହାଉଜଖାସ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଇଂରାଜୀ ନବବର୍ଷ ଅବସରରେ ଅଗଣିତ ଶ୍ରଦ୍ଧାଳୁ ଙ୍କ ଭିଡ଼



ନୂଆଦିଲ୍ଲୀ ୪/୧: ସମଗ୍ର ଉତ୍ତର ଭାରତ ସହ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ରେ ଗତ କିଛି ଦିନ ଧରି ଶୀତର ଲହରୀ ବୃଦ୍ଧି ପାଇଥିବା ବେଳେ ଇଂରେଜୀ ନବବର୍ଷ ଅବସରରେ କିନ୍ତୁ ସୋମବାର ଦିନ ମହାନଗର ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡ଼ିଆ, ଦିଲ୍ଲୀ ବାସିନ୍ଦା ଙ୍କ ମଧ୍ୟରେ ବେସ ଉଷ୍ମତା ଦେଖିବାକୁ ମିଳିଥିଲା ।ପ୍ରବାସୀ ଓଡ଼ିଆ ମାନେ ନୂତନ ବର୍ଷ କୁ ସ୍ୱାଗତ କରିବା ସହ ନୂତନ ଉତ୍ସାହ, ଉଦ୍ଦିପନା ଓ ନୂତନ ଯୋଜନାର ସଫଳ ରୂପାୟନ କରିବା ପାଇଁ ବେଶ ତତ୍ପରତା ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା । ନୂତନ ବର୍ଷ ଅବସରରେ ଆନୁମାନିକ ପାଞ୍ଚ ହଜାର ରୁ ଉର୍ଦ୍ଧ ପ୍ରବାସୀ ଓଡ଼ିଆ, ଶ୍ରଦ୍ଧାଳୁ ମାନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ପାଇବା ପାଇଁ ପୂର୍ବାହ୍ନ ରୁ ରାତ୍ର ପହଡ଼ ପଡିବା ଯାଏ ଅରବିନ୍ଦ ମାର୍କେଟ ଠାରୁ ହାଉଜଖାସ ମନ୍ଦିର ଯାଏ ଲମ୍ବା ଲାଇନ କରି ଭିଡ଼ ଲଗାଇଥିଲେ ।ଦିଲ୍ଲୀ ର ପ୍ରବାସୀ ଓଡ଼ିଆ ମାନଙ୍କ ମୁଖ୍ୟ ମିଳନ ସ୍ଥଳ କୁହା ଯାଉଥିବା ଦକ୍ଷିଣ ଦିଲ୍ଲୀ ର ହାଉଜଖାସ ଠାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ରେ ପ୍ରବାସୀ ଓଡ଼ିଆ ମାନେ ସପରିବାର, ସାଙ୍ଗସାଥି, ବନ୍ଧୁବାନ୍ଧବ ଙ୍କ ଗହଣ ରେ ଆସି ପୂର୍ବାହ୍ନ ରୁ ବିଳମ୍ବିତ ରାତ୍ର ଯାଏ ଲମ୍ବା ଧାଡି ରେ ରହି ମହାପ୍ରଭୁ ଙ୍କ କୃପାଭିକ୍ଷା କରିବା ସହ ସମୂହ ପ୍ରସାଦ ସେବନ ରେ ସାମିଲ ହୋଇଥିଲେ ।ନୂଆ ବର୍ଷ ଅବସରରେ ପୂର୍ବାହ୍ନ ରେ ମାନ୍ୟବର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀ ଜୀଉ ମାନଙ୍କୁ ଦର୍ଶନ କରିବା ସହ କୃପା ଭିକ୍ଷା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମଧ୍ୟାହ୍ନ ରେ କଳାହାଣ୍ଡି ଲୋକସଭା ସାଂସଦ ମାଳାବିକା ରାୟ, ଦିଲ୍ଲୀ ସାଂସଦ ମନୋଜ ତିୱାରୀଙ୍କ ସହ ଦିଲ୍ଲୀ ବି. ଜେ. ପି. ମହାମନ୍ତ୍ରୀ ଅଶୋକ ଠାକୁର ଶ୍ରୀ ବିଗ୍ରହ ମାନଙ୍କୁ ଦର୍ଶନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଉପଭୋଗ କରି ସାଂସ୍କୃତିକ କାର୍ଯ୍ୟକ୍ରମ ର କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ମଧ୍ୟ ଶ୍ରୀ ନୀଳାଚଳ ସେବା ସଙ୍ଘ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ସୁମଧୁର ତଥା ଲୋକପ୍ରିୟ କଣ୍ଠଶିଳ୍ପୀ ଦୀପ୍ତି ରେଖା ପାଢ଼ୀ, ସରୋଜ ଭରଦ୍ୱାଜ, ଦିଲ୍ଲୀ ର ଜୋତ୍ସ୍ନା ସୋଲାଙ୍କି, ପ୍ରିୟାଂଶୁ ଜେନା ଙ୍କ ସହ ବାଦ୍ୟ ସହଯୋଗୀ ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ଭକ୍ତି ନୈବେଦ୍ୟ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ । ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସ୍ୱର୍ଣପ୍ରିୟା ପତି ମଞ୍ଚ ପରିଚାଳନା କରିଥିଲେ ।ଭକ୍ତ ମାନଙ୍କ ସୁରୁଖୁରୁରେ ଦର୍ଶନ କରିବା ସହ, ପ୍ରସାଦ ସେବନ ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦିଗରେ ଶ୍ରୀ ନୀଳାଚଳ ସେବା ସଙ୍ଘ ପକ୍ଷରୁ ମନ୍ଦିର ସମ୍ପାଦକ ରବିନ୍ଦ୍ର ପ୍ରଧାନ, ଉପ ସଭାପତି ଗଜେନ୍ଦ୍ର ପ୍ରସାଦ ସାମନ୍ତ କ୍ଷୀରୋଦ ପାତ୍ର ,ଯୁଗ୍ମ ସମ୍ପାଦକ , ଦିଲୀପ ସ୍ୱାଇଁ, କୋଷାଧକ୍ଷ ପଙ୍କଜ ମହାନ୍ତି କାର୍ଯ୍ୟକାରୀ କମିଟି ର ସଦସ୍ୟ, ବରିଷ୍ଠ ଆଇନଜୀବୀ ଜିତେନ୍ଦ୍ର ମହାପାତ୍ର, ବିଜୟ ସାହୁ ରଙ୍କନିଧି ସାହୁ, ଅଶୋକ ପ୍ରଧାନ, ଅମୂଲ୍ୟ ଓଝା ପ୍ରଦୀପ ସ୍ୱାଇଁ ଙ୍କ ସହ ମନ୍ଦିର ର ଅନ୍ୟାନ୍ୟ ସଦସ୍ୟ,ମନ୍ଦିର ପରିଚାଳକ ରଶ୍ମୀ ରଞ୍ଜନ ବେହେରା ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ପୋଲିସ କର୍ମଚାରୀ,ଓ ଅଧିକାରୀ ମାନଙ୍କୁ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା.ସମସ୍ତ ସେବକ, ମନ୍ଦିର କର୍ମଚାରୀ ମାନଙ୍କ ପ୍ରତିବଦ୍ଧତା, ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ଶ୍ରୀ ଠାକୁର ମାନଙ୍କ ଗତକାଲି ର ନୀତି ଶୃଙ୍ଖଳିତ ହେବା ସହ ଶ୍ରୀ ନୀଳାଚଳ ସେବା ସଙ୍ଘ ର ସମସ୍ତ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ଭାଇ, ଭଉଣୀ ମାନଙ୍କ ପୂର୍ଣ୍ଣ ସହଯୋଗ ରେ ସୁସମନ୍ୱିତ ଭାବେ ଭକ୍ତ ମାନଙ୍କ ଦର୍ଶନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପୂର୍ଣ୍ଣ ସହଯୋଗରେ ହୋଇଥିବାରୁ ମନ୍ଦିର ସମ୍ପାଦକ ଶ୍ରୀ ପ୍ରଧାନ ସମସ୍ତ ଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ସମସ୍ତ ପର୍ବ ପର୍ବାଣୀ, ଜକ୍ଷନୀଯାତ୍ରା ରେ ସମସ୍ତ ଙ୍କ ସହଯୋଗ ଯେପରି ଅକ୍ଷୁର୍ଣ ରହିବ ସେଥିପାଇଁ ନିବେଦନ କରିଥିଲେ ।ଶିବାଜୀ ପାତ୍ର, ପ୍ରଦୀପ ପରିଡା, ଗୋବର୍ଦ୍ଧନ ଧଳ, ବିପିନ ଦଳାଇ, ଅଫିସର ରାଉତ, ପ୍ରମୁଖ ଉତ୍ସବ କୁ ଶୃଙ୍ଖଳିତ କରିବା ଦିଗରେ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା।

## ଧୂମଧାମରେ ରେ ପାଳିତ ହେଲା ଗୋପବନ୍ଧୁ କଳା ପରିଷଦର ବାର୍ଷିକ ଉତ୍ସବ



ଦଶରଥପୁର ୪/୧(ନି.ପ୍ର): ଦଶରଥପୁର ଅଞ୍ଚଳର ଅଗ୍ରଣୀ କଳା ଅନୁଷ୍ଠାନ ଗୋପବନ୍ଧୁ କଳା ପରିଷଦର ବାର୍ଷିକ ଉତ୍ସବ ବୁଧବାର ଇଂରାଜୀ ନବବର୍ଷରେ ଦଶରଥପୁର ବ୍ଲକ ଅଧିନସ୍ଥ ଝୁମ୍ପୁରୀ ବଜାର ଓଡ଼େଇ ଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଉମାକାନ୍ତ ଧଳଙ୍କ ସଭାପତିତ୍ୱ ରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାକ୍ତର ଗୋପାଳ ଚନ୍ଦ୍ର ମିଶ୍ର,ମୁଖ୍ୟବକ୍ତା ଭାବେ କବି ଅନନ୍ତ ସ୍ମୃତି ପାଠାଗାର ର ସମ୍ପାଦକ ଶଶିକାନ୍ତ ନାୟକ,ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ଧୀରେନ୍ଦ୍ର ମଲ୍ଲିକ,ଗୀତିକାର ସାବିତ୍ରୀ ମଲ୍ଲିକ,ଶିକ୍ଷାବିତ ସନାତନ ନାୟକ ଯୋଗଦେଇ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବକବି ଧୀରେନ୍ଦ୍ର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ବିଶ୍ୱମ୍ବର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।ଏହି ପରିପ୍ରେକ୍ଷୀରେ କଳା, ସାହିତ୍ୟ,ସମାଜସେବା ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳ ୯ ଟା ୩୦ ମିନିଟ ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବହୁ ଦର୍ଶକ ଉପଭୋଗ କରିବା ସହିତ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ପିଲାମାନଙ୍କ ମଧ୍ୟରେ ସଙ୍ଗୀତ, ତବଲା ଓ ନୃତ୍ୟ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।ବିଚାରକ ଭାବେ ଚନ୍ଦ୍ରଶେଖର ଦାସ,ହରିହର ପାତ୍ର,ଇତିରଞ୍ଜନ ଦାସ ,ସୁନୀଲ ପଣ୍ଡା,ବିଭୁତି ଭୂଷଣ ପଣ୍ଡା ଯୋଗଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ପରିଚାଳିକା ହରପ୍ରିୟା ସାହୁ, କଣ୍ଠଶିଳ୍ପୀ ଜୟଦେବ ନାଥ, କଣ୍ଠଶିଳ୍ପୀ ବାପି ଜେନା, ପ୍ରଯୋଜକ ଅଶୋକ କୁମାର ସାହୁ, ନୃତ୍ୟଗୁରୁ ଦିଲ୍ଲୀପ ଜେନା, ସମାଜସେବୀ ପ୍ରଭାତ କୁମାର ସାହୁ, କଳାକାର ସୁରଥ କାଏସ୍ତ ଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିବା ବେଳେ ଶେଷରେ ଉପସଭାପତି ବାନାମ୍ବର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜାର ସଫେଇ ଲାଗି ଅଣ୍ଟା ଭିଡ଼ିଲେ ବେଲେଶ୍ୱରୀ ସଂଘ

ନିମାପଡା ୪/୧(ନି.ପ୍ର): ଆଜି ମା ବେଲେଶ୍ୱରୀ ଟ୍ରାନ୍ସପୋର୍ଟ ଭାଇକିଲ ଆସୋସିଏସନ ପକ୍ଷରୁ ଚାରିଛକ ବଜାର କଟକ ରୋଡ଼ ସଫେଇ କରାଯାଇଛି।ସଭାପତି ତୋଫାନ କୁମାର ରାଉତ, ଉପସଭାପତି ଆର୍ତ୍ତତ୍ରାଣ ଭୋମଇ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରଣା, ସହସମ୍ପାଦକ ବିଶ୍ୱନାଥ ଭୋଇ, କୋଷାଧକ୍ଷ ସୁକାନ୍ତ କୁମାର ଭୋଇ ଓ ବଜାର କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନ ସମେତ ଆସୋସିଏସନ ର ସମସ୍ତ କର୍ମକର୍ତା ଯୋଗଦେଇଥିଲେ। ଗତ ୩୧ ତାରିଖରେ ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳ ଙ୍କ ନେତୃତ୍ୱରେ ବଜାର ସଫେଇ କାର୍ଯ୍ୟ କରାଯାଇଥିଲା। ବଜାର କୁ ସଫା ସୁତୁରା ରଖିବା ସହିତ ଜଳଖିଆ ଦୋକାନ ନିକଟରେ ଡଷ୍ଟ ବିନ କରି ଅଳିଆ କୁ ରଖନ୍ତୁ ବୋଲି ଥାନା ଅଧିକାରିଣୀ ଚାରିଛକ ବ୍ୟବସାୟୀ ସଂଘ ସଭାପତି ସନ୍ତୋଷ ପ୍ରଧାନ ଙ୍କୁ ସୂଚନା ଦେଇଥିଲେ।ଏହି ପରିପ୍ରେକ୍ଷିରେ ଆଜି ବଜାର ବନ୍ଦ ଥିବାରୁ ସଫେଇ କାର୍ଯ୍ୟ କରାଯାଇଥିଲା।

## ବିଲେଇବେଣ୍ଣା ନୂଆଁଟିକ୍ରା ଅଲେଖ ମହିମା ମଠରେ ରକ୍ତଦାନ ଶିବିର

ଅତାବିରା ୪/୧(ନି.ପ୍ର): ଆଜି ଗୁରୁବାର ଦିନ ଭେଡେନ ବ୍ଲକ ଅର୍ଜ୍ଜୁଣ୍ଡା ପଂଚାୟତ ବିଲେଇବେର୍ଣ୍ଣା ନୂଆଁଟିକ୍ରା ଅଲେଖ ମହିମା ମଠରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ସ୍ଥାନୀୟ ଅଲେଖ ମହିମା ସଂଘ ତରଫରୁ ।ଏଥିରେ ବୁର୍ଲା ଭିମସାରର ରକ୍ତସଂଗ୍ରହକାରୀ ଦଳ ଆସି ରକ୍ତ ସଂଗ୍ରହ କରିଥିଲେ ।ସର୍ବମୋଟ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।ଏହି ରକ୍ତ ସଂଗ୍ରହରେ ଡାକ୍ତର ଆରତୀ ପ୍ରଧାନ,ଟେକନିସିଆନ ଦେବାଷିଶ ମିଶ୍ର,କାଉନସିଲର ମଣ୍ଟୁ ପଧାନ,ପାଏନୁ ଭୁଏ,ଜନକ ବେହେରା,ସଂଜୀବ ବେହେରା ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଗଣେଶ ସନ୍ୟାସୀ,ରମେଶ ବାଗ,ଯଦୁମଣି ଭୁଏ,ଆନନ୍ଦ ବେହେରା,ସୀତାରାମ ବନଛୁର,ସୁରଥ ତ୍ୟାଗି,ରାଜୀବ ପାଣ୍ଡେ ସକ୍ରୀୟ ଭାବେ ଯୋଗଦାନ କରି ସହଯୋଗ କରିଥିଲେ ।

## ଘର କାନ୍ଥ ପଡ଼ି ଶ୍ରମିକଙ୍କ ମୃତ୍ୟୁ

ବାଳିଗୁଡ଼ା ୪/୧(ନି.ପ୍ର): କନ୍ଧମାଳ ଜିଲ୍ଲା ବାଳିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ବ୍ଲକ ଅଞ୍ଚଳରେ ଘଟିଛି ଏକ ଅଭାବନୀୟ ଘଟଣା । ତୁମୁଡ଼ିବନ୍ଧର ରାମପୁର ଛକରେ ଘର କାନ୍ଥ ପଡ଼ି କିରିକୁଟି ଗ୍ରାମର ଶ୍ରମିକ ମାନେଶ୍ୱର ପ୍ରଧାନଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି କ୍ଷ ସୂଚନା ପ୍ରକାରେ ରାମପୁର ଛକରେ ରହୁଥିବା ଅଖିଳ ଦାସଙ୍କ ପୁରୁଣା ଘର ଭାଙ୍ଗୁଥିବା ବେଳେ ଶ୍ରମିକଙ୍କ ଉପରେ କାନ୍ଥ ପଡିଯିବାରୁ ମାନେଶ୍ୱର କାନ୍ଥ ତଳେ ଚାପି ହୋଇ ରହିଥିଲେ । ଖବରପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ମାନେଶ୍ୱରଙ୍କୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ମାନେଶ୍ୱରଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି । ସେପଟେ ଘଟଣା ସ୍ଥଳରେ ତୁମୁଡ଼ିବନ୍ଧ ଥାନା ପୋଲିସ୍ ପହଁଚି ତଦନ୍ତ ଆରମ୍ଭ କରିଛି ।

## ସଂପାଦକୀୟ

# ସାମ୍ପ୍ରତିକ ସମୟବୋଧ

ଏକବିଂଶ ଶତକର ବିଶ୍ୱ ସମଗ୍ର ଜଗତ ପାଇଁ ଆଣିଛି ଏକ ଅବିଶ୍ୱାସନୀୟ ପରିବର୍ତ୍ତନ। ଜଗତୀକରଣର ଦୃଷ୍ଟିଭଙ୍ଗୀ ନେଇ ଆଜି ସମଗ୍ର ବିଶ୍ୱ ହୋଇଛି ଗୋଟିଏ ପରିବାର। ବୈଷୟିକ ଜ୍ଞାନର ବିକାଶ ଫଳରେ ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ମୁହୂର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ପୃଥିବୀର ଯେକୌଣସି ଅଞ୍ଚଳରେ ଘଟୁଥିବା ଏକ ଆକସ୍ମିକ ବିପର୍ଯ୍ୟୟ ସମଗ୍ର ବିଶ୍ୱପାଇଁ ଆଣିଛି ସମାନ ଭାବରେ ଦୁଃଖଦ ସ୍ମୃତି। ଏପରିକି ବିଜ୍ଞାନର ଚରମ ଅଭ୍ୟୁଦୟ ଯେତିକି ଆଣିଛି ସମନ୍ୱୟ, ସେତିକି ବି ସୃଷ୍ଟି କରିଛି ବିପର୍ଯ୍ୟୟ। ଯାହାର ଜ୍ୱଳନ୍ତ ଉଦାହରଣ ସଂପ୍ରତି ଦେଖାଦେଇଥିବା ପରିସ୍ଥିତି।

ଅତିଥି ସମ୍ପାଦକ
ଡ. ମନୋରଞ୍ଜନ ବିଷୋୟୀ

ପ୍ରକୃତପକ୍ଷେ କହିବାକୁ ଗଲେ ଆଜି ମଣିଷ ମୁହୂର୍ତ୍ତ ସର୍ବସ୍ୱ ମନସ୍ଥିତିକୁ ନେଇ କାଳ ଅତିବାହିତ କରୁଛି। ଅତୀତର ପ୍ରଲମ୍ବିତ ଯୁଗସର୍ବସ୍ୱ ମନୋବୃତ୍ତି ଆଜି ତିରୋହିତ। ଆଜି ମଣିଷ ପରିବର୍ତ୍ତିତ ପରିସ୍ଥିତି ସହ ସାଲିସ୍ କରିବାକୁ ବାଧ୍ୟ। ସାମ୍ପ୍ରତିକ କାଳରେ ଛଳନାମୟ ରାଜନୈତିକ ଯାତ୍ରା, ଫମ୍ପା ମୂଲ୍ୟବୋଧର ଜୟଗାନ, ମାନବୀୟ ଦୃଷ୍ଟିଭଙ୍ଗୀର ଅବମୂଲ୍ୟାୟନ ସହ ସମ୍ପର୍କ ଓ ସଂପ୍ରୀତିର ମୃତ୍ୟୁ ଘଟିଛି। ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଆତ୍ମମଗ୍ନ ହୋଇଉଠିଛି। ଭୋଗସର୍ବସ୍ୱ ମନୋବୃତ୍ତି ଆଜି ମଣିଷକୁ ମଣିଷ ପାଖରେ ବିଭେଦର ରେଖା ଟାଣି ଠିଆ କରାଇଛି। ସଂପ୍ରତି ଏହି ସମସ୍ୟା କେବଳ ବ୍ୟକ୍ତିର ନୁହେଁ; ଏହା ହେଉଛି ସମୟର। ମଣିଷପଣିଆର ଡୋରି କ୍ରମେ ଶିଥିଳ ହେବାରେ ଲାଗିଛି। ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ପରାହତ ହୋଇଛି। ଦେଶ ଠାରୁ ଆରମ୍ଭ କରି ବିଦେଶ ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଚାଲିଛି।

ଏ ପରିପ୍ରେକ୍ଷୀରେ କହିରଖେ; ବ୍ୟକ୍ତି ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ସମାଜ। ବୃହତ୍ତର ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା। ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ ମାତ୍ର। ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ। ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରୁଛି। ଦିନେ ଉପନିଷଦୀୟ ଅଭିବ୍ୟକ୍ତର ମଣିଷ ଥିଲା ଅମୃତର ସନ୍ତାନ। ଏ ବିଶ୍ୱ ଏକ ମହତ୍ କାର୍ଯ୍ୟ ସମ୍ପାଦନ ଦିଗରେ ମଣିଷ ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ। ଜୀବନ ବ୍ୟକ୍ତିରୁ ଆରମ୍ଭ ହୋଇ ପରିବାରକୁ ଆଧାର କରି କ୍ରମେ ବୃହତ୍ତର ସମାଜ ଦିଗରେ ପରିବ୍ୟାପ୍ତ ହୋଇଥିଲା। କିନ୍ତୁ ଆଜିର ଏହି ସଂକଟମୟ ବିଶ୍ୱରେ ଜୀବନ ହୋଇଛି ସତତ ବିଦୀର୍ଣ୍ଣ।

ଏଠାରେ କହିରଖେ; ଭାରତୀୟ ଅନୁଭୂତିରେ ଜୀବନ-ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଯାତ୍ରାପଥ ମାତ୍ର ନୁହେଁ। ଧର୍ମ, ଅର୍ଥ, କାମ, ମୋକ୍ଷ ପରି ଚତୁଃବର୍ଗ ପ୍ରାପ୍ତି ହେଉଛି ଜୀବନର ଲକ୍ଷ୍ୟ। ଏକଦା ମନୁଷ୍ୟ ବିଶ୍ୱାସ କରୁଥିଲା, ଏକ ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ଆତ୍ମ ଉତ୍ସର୍ଗ ହିଁ ହେଉଛି ଏକମାତ୍ର ପନ୍ଥା। ସମଗ୍ର ବସୁଧାକୁ ଏକ କୁଟୁମ୍ବ ଭାବରେ ପରିକଳ୍ପନା କରି ସାମୂହିକ ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟକ୍ତି ଆପଣାକୁ ଉତ୍ସର୍ଗ କରିଥିଲା। କିନ୍ତୁ ପରିବର୍ତ୍ତିତ ପରିବେଶରେ ପରମ୍ପରା କ୍ରମେ ଗଢ଼ି ଆସୁଥିବା ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଜି ଜୀବନକୁ କରିଛି ବିପର୍ଯ୍ୟସ୍ତ। ଆପଣାର ସ୍ୱାର୍ଥସିଦ୍ଧି ପାଇଁ, ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି। ପରିଣତି ସ୍ୱରୂପ ନା’ ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା ସମୂହରେ ପାଇଛି ସ୍ୱୀକୃତି। ବାସ୍ତବିକ କହିବାକୁ ଗଲେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ। ଗୋଟିଏ ଦିଗରେ ପରମ୍ପରାର ପୃଥବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ, ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଉଛକିତ କରିଛି।

ପରିଶେଷରେ କେବଳ ଏତିକି କହିବି- ସାଂପ୍ରତିକ ସମାଜରେ ସମସ୍ୟା ବିଜଡ଼ିତ ମଣିଷ ନିଶ୍ଚିତ ଭାବରେ ଏକ ବିଷଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି। କିନ୍ତୁ ଏ ବିଷଣ୍ଣତା, ଏ ଅସହାୟତା; ବ୍ୟକ୍ତିତ୍ୱର ପରାଜୟ ନୁହେଁ। ଭାରତୀୟ ପରମ୍ପରା ଯୁଗେ ଯୁଗେ ଦସ୍ୟୁ ରତ୍ନାକରରୁ ବାଲ୍ମୀକିରେ ରୂପାନ୍ତରଣ ପ୍ରକ୍ରିୟା ପାଇଁ ପଥ ଉନ୍ମୋଚନ କରିଥାଏ। ସେହି ଧାରାରେ ସମାଜର ପୁନଃଗଠନ ଓ ନୈତିକ ଉତ୍ତରଣ ନିମନ୍ତେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଅଛି।

# ବିପ୍ଳବୀ ଜନନେତା ପର୍ଶୁରାମ ହରିଚନ୍ଦନ

ପୂଣ୍ୟତୋୟା ଭାରତରେ ଓଡ଼ିଶା, କଳା,ସାହିତ୍ୟ ଓ ସଂସ୍କୃତି ର ମହାନ ମିଳନ ସ୍ଥଳ।ନିଜସ୍ୱ ପ୍ରତିଭା ବଳରେ ଅନେକ ପ୍ରଥିତଯଶା ଓ ସିଦ୍ଧପୁରୁଷ ମାନେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଜନ୍ମନେଇ ଏ ମାଟିକୁ ମହିମା ମଣ୍ଡିତ କରିଛନ୍ତି।ସେହିଭଳି ଜଣେ ତେଜସ୍ୱୀ ପୁରୁଷ ପର୍ଶୁରାମ ହରିଚ଼ନ୍ଦନ ଗମ୍ଭାରିମୁଣ୍ଡା ଅଞ୍ଚଳରେ ଜନ୍ମ ନେଇଥିଲେ।ତାଙ୍କ ସାହିତ୍ୟ ସାଧନା,ସମାଜସେବା,ରାଜନୈତିକ ମୂଲ୍ୟବୋଧ ଓ ସ୍ୱାଧିନତା ଆନ୍ଦୋଳନ ର ବାର୍ତ୍ତା ଅବିଭକ୍ତ ପୁରୀ ଜିଲ୍ଲା କୁ ଉଦଭାଷିତ କରିବା ସହିତ ସମଗ୍ର ଉତ୍କଳ କୁ ଉଦଭାଷିତ କରିଥିଲା।ବଣ ଜଙ୍ଗଲ ପରିବେଷ୍ଟିତ,ଅନ୍ଧାରି ମୂଳକ ଗମ୍ଭାରିମୁଣ୍ଡା ପାଇଁ ସେ ଥିଲେ ଆଲୋକବର୍ତ୍ତିକା।ବ୍ୟକ୍ତିଗତ ଜୀବନର ସୁଖ,ସ୍ୱାଚ୍ଛନ୍ଦ୍ୟ,ସାହିତ୍ୟ ସାଧନା ଓ ରାଜନୀତି କୁ ପଛରେ ପକାଇ ସେ ଏ ଅଞ୍ଚଳ ନିର୍ମାଣ ରେ ହେଲେ ବ୍ରତୀ। ଗମ୍ଭାରୀମୁଣ୍ଡା ପ୍ରାଥମିକ ସ୍କୁଲ,ମାଇନର ସ୍କୁଲ,ହାଇସ୍କୁଲ,ପୋଷ୍ଟ ଅଫିସ୍,କୋପରିଟିଭ ସୋସାଇଟି,ଡ଼ାକ୍ତରଖାନା,ପଶୁ ଡ଼ାକ୍ତରଖାନ,ସୁନାଖଲା ଛକ ଠାରୁ ଆୟତପୁର ଛକ ପର୍ଯ୍ୟନ୍ତ ରାସ୍ତା ସବୁ ତାଙ୍କର ଅବଦାନ। ଗମ୍ଭାରିମୁଣ୍ଡା ଅଞ୍ଚଳ ର ସାମୂହିକ ବିକାଶ ପାଇଁ ଅଞ୍ଚଳ ର ଯୁବଗୋଷ୍ଠୀ ଙ୍କୁ ନେଇ ପର୍ଶୁରାମ ହରିଚ଼ନ୍ଦନ ଖଜୁରିଆ ଗ୍ରାମରେ ଏକ କ୍ଲବ ପ୍ରତିଷ୍ଠା କରିଥିଲେ,ଯାହାର ନାମ ରଖାଯାଇଥିଲା ‘ଘଣ୍ଟଭଣ୍ବରଭଣ୍ବର ଚବକ୍ବବୟସଣ୍ବର‘। ଏହି କ୍ଲବ ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜସେବା ସହ ଅଞ୍ଚଳ ର ସାମଗ୍ରିକ ବିକାଶ।ପରବର୍ତ୍ତୀ ସମୟରେ ଗମ୍ଭାରିମୁଣ୍ଡା ଠାରେ ତାଙ୍କ ନେତୃତ୍ୱରେ ‘ଗାନ୍ଧୀ କୁଟୀର‘ ସ୍ଥାପନ ହୋଇଥିଲା।ସେହି ସମୟରେ ପର୍ଶୁରାମ ହରିଚ଼ନ୍ଦନ ଙ୍କ ନେତୃତ୍ୱରେ ଯୁବ ଅନୁଷ୍ଠାନ ‘ପଲ୍ଲୀ ସଂସ୍କୃତି କଳା ପରିଷଦ‘ ଗଢ଼ି ଉଠିଥିଲା।ଏହି କଳା ପରିଷଦ କେବଳ ଯେ କଳା ଚ଼ର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିଲା ତାହା ନୁହେଁ,ବରଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ଗୋଟିଏ ସାମାଜିକ ଆନ୍ଦୋଳନ ସୃଷ୍ଟି କରି ଅନେକ ଯୁବ କଳାକାର,ସମାଜସେବୀ ଓ ଯୁବ କର୍ମଯୋଗୀ ସେ ଗଢ଼ିପାରିଥିଲେ।ଗମ୍ଭାରିମୁଣ୍ଡା ଅଞ୍ଚଳର ଶିକ୍ଷାର,ସ୍ୱାସ୍ଥ୍ୟର,ରାସ୍ତାଘାଟର ଏବଂ ସର୍ବୋପରି ସଂସ୍କୃତିର ବିକାଶ ପାଇଁ ଅହରହ ଚ଼େଷ୍ଟା ଚ଼ଳାଇଥିଲେ।ପର୍ଶୁରାମ ହରିଚ଼ନ୍ଦନ ସର୍ବ ପ୍ରଥମେ ଗମ୍ଭାରୀମୁଣ୍ଡା ଗ୍ରାମ ପଞ୍ଚାୟତ ର ? ? ସରପଞ୍ଚ ଓ ପରବର୍ତ୍ତୀ ସମୟରେ ବାଣପୁର ବ୍ଲକ ର ଅଧ୍ୟକ୍ଷ ହେଲେ,ତା’ପରେ ପୁରୀ ? ଜିଲ୍ଲା ପରିଷଦର ଉପସଭାପତି ହେଲେ।ବାଣପୁର ବ୍ଲକ ର ଅଧ୍ୟକ୍ଷ ଥିବାବେଳେ ବାଣପୁର ଅଞ୍ଚଳର ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ ର ବିକାଶ ଓ ଉନ୍ନତି କରିଥିଲେ।ସେ ଜନସାଧାରଣଙ୍କ ସମସ୍ୟା ର ସମାଧାନ କରୁଥିଲେ। ଶିକ୍ଷାର ଉନ୍ନତି କଳ୍ପେ ପର୍ଶୁରାମ ହରିଚ଼ନ୍ଦନ ପ୍ରାଣାନ୍ତକ ଉଦ୍ୟମ କରି ସ୍ୱର୍ଗତ ଭାଗିରଥି ମାଲୁ ଙ୍କ ଅର୍ଥ ଓ ଅନ୍ୟ ସମାଜସେବୀ ବନ୍ଧୁ ମାନଙ୍କ ସହଯୋଗରେ ଗମ୍ଭାରିମୁଣ୍ଡା ଠାରେ ପତିତପାବନ ବାଣୀ ମନ୍ଦିର ନାମକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ସେ ବି ଜଣେ ଜାତୀୟତାବାଦୀ ନାଟ୍ୟକାର। ସେ ଅନେକ ନାଟକ ରଚ଼ନା କରିଥିଲେ। ସେହି ନାଟକ ମଧ୍ୟରେ ‘ବିପ୍ଳବୀ କୃତ୍ତିବାସ‘,‘ଛିନାଙ୍ଗୀ‘,‘ଅଭିଶପ୍ତ ଦୁର୍ଗ‘, ‘ଦିଗବିଜୟୀ କପିଳେନ୍ଦ୍ର‘। ତାଙ୍କରି ନାଟକ ଓଡ଼ିଆ ପ୍ରାଣରେ ପ୍ରବଳ ଦେଶାତ୍ମବୋଧ ଓ ରୋମାଞ୍ଚ ସୃଷ୍ଟି କରେ। ବିପ୍ଳବୀ ବୀର କୃତ୍ତିବାସ ଙ୍କୁ ବିସ୍ମୃତ ଗର୍ଭରୁ ଆଲୋକକୁ ଆଣିବା, ଓଡ଼ିଆଜାତି ପାଇଁ ପର୍ଶୁରାମ ହରିଚ଼ନ୍ଦନଙ୍କର ସର୍ବଶ୍ରେଷ୍ଠ ଅବଦାନ।ଯଦି ପର୍ଶୁରାମ ହରିଚ଼ନ୍ଦନଙ୍କ ବଳିଷ୍ଠ ଲେଖନୀରୁ ନିସୃତ ଐତିହାସିକ ଗବେଷଣା ସମ୍ବଳିତ କୃତ୍ତିବାସଙ୍କ ଜୀବନୀ ସମ୍ପର୍କୀତ ନିବନ୍ଧ ୧୯୫୦ ମସିହା ଡ଼ିସେମ୍ବର ମାସର ଝଙ୍କାର ପତିକ୍ରାରେ ପ୍ରକାଶ ପାଇନଥାନ୍ତା,ହୁଏତ ଇତିହାସର ଅତଳ ଗର୍ଭରେ ଓଡ଼ିଆ ଜାତିର ଏହି ଅନନ୍ୟ ବୀର ଙ୍କ ରକ୍ତରଞ୍ଜିତ ଇତିହାସ ଚ଼ିର ଦିନ ପାଇଁ ସମାଧି ଲଭିଥାନ୍ତା।

‘ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ‘। ମୃତ୍ୟୁଟା ଅତ୍ୟନ୍ତ ବାସ୍ତବ ଏବଂ ଧ୍ରୁବ ସତ୍ୟ।ଜନ୍ମ ଏବଂ ମୃତ୍ୟୁ ବିଧି ଅଭିପ୍ରେତ।କାଳଜୟୀ ପୁରୁଷ ମୃତ୍ୟୁର କଠୋରତା ମଧ୍ୟରେ ଅବଲୀନ ହେଲେ ମଧ୍ୟ ତାର ସାଧନା,ସିଦ୍ଧି ଏବଂ ସୁକୃତ ପାଇଁ ସେ ଯେପରି ଅମର ରହେ,ପର୍ଶୁରାମ ହରିଚ଼ନ୍ଦନ ସେହିପରି ତାଙ୍କର ସାଂସ୍କୃତିକ ପ୍ରତିଷ୍ଠା,ସାମାଜିକ ପରିଚ଼ିତ,ରାଜନୈତିକ ପାରଦର୍ଶିତା ଏବଂ ସମାଜସେବାର ପରାକାଷ୍ଠା ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ଆମ ଅଞ୍ଚଳର ପ୍ରତ୍ୟେକ ମଣିଷ ନିକଟରେ ଛାଡ଼ି ଚ଼ାଲି ଯାଇଛନ୍ତି ସେଥିପାଇଁ ଆମ ଅଞ୍ଚଳର ପ୍ରତିଟି ମଣିଷ ନିକଟରେ ଯୁଗେ ଯୁଗେ ଅମର ହୋଇରହିଥିବେ - ଏଥିରେ ଦ୍ୱିମତ ନାହିଁ। ଦିନ ଯାଏ,ଚ଼ିହ୍ନ ରହେ।ସ୍ମୃତିର ପାଉଁଶ ତଳୁ ମିଳିବ ଅସତ୍ୟ ସହରର ଅନେକ କାହାଣୀ- କିମ୍ବଦନ୍ତୀ,ମିଳିବ ଅନେକ କାଳ୍ପନିକ ଚ଼ିତ୍ରପଟ,କିନ୍ତୁ ମିଳିବନି ବାସ୍ତବ ମଣିଷର ଅଭୂଲା-ଅପାଶୋରା ମୁହଁଟିଏ। ସେହି ଯୁଗପୁରୁଷ ୧୯୭୭ ମସିହା ମଇ ୨୬ ତାରିଖ ରେ ଏ ଦୁନିଆ ଛାଡ଼ି ଚ଼ାଲିଗଲେ। ସେ ଏକାଧାରାରେ ଜଣେ ସୁସଂଗଠକ,ଯୋଗଜନ୍ମା ନାଟ୍ୟକାର, ବିଶିଷ୍ଟ ରାଜନୀତିଜ୍ଞ,ନିସ୍ୱାର୍ଥପର ଜନସେବକ,ସୁପରାମର୍ଶଦାତା,ସ୍ୱାଧିନତା ସଂଗ୍ରାମୀ ଓ ଓଡ଼ିଆ ସାମରିକ ଇତିହାସ ଓ ପରମ୍ପରା ର ତେଜୋଦୀପ୍ତ ନକ୍ଷତ୍ର ପର୍ଶୁରାମ ହରିଚ଼ନ୍ଦନ ଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ।

ଲେଖକ- ବିଶ୍ୱବିଜୟୀ ଦାଶ
ଯୁବ ସ୍ତମ୍ଭକାର
ମୋବାଇଲ ନଂ- ୬୩୭୦୨୦୮୪୨୮

# ବିଶ୍ୱ ସ୍ତବ୍ଧ : ବନ୍ଧୁକ ନେଉଛି ଜୀବନ

ଅମେରିକାର ଏକ ବିଦ୍ୟାଳୟରେ ବର୍ବର ସଂହାର ଲୀଳା ବିଶ୍ୱବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ଏକ ବିଦ୍ୟାଳୟରେ ଜଣେ ୧୮ ବର୍ଷୀୟ ଯୁବକ ଆଖିବୁଜା ଗୁଳି ଚଳାଇ ୧୯ଜଣ ଛୋଟ ପିଲାଙ୍କ ସମେତ ୨୧ଜଣଙ୍କ ଜୀବନ ନେଇଛି। ଚଳିତ ପାଞ୍ଚ ମାସ ମଧ୍ୟରେ ଏହା ଆମେରିକାରେ ୧୯୯ତମ ଗଣ ଗୁଳିକାଣ୍ଡ ମାମଲା। ୨୦୧୯ ପରଠାରୁ ଆମେରିକାରେ ୨୭୪ଟି ଗଣ ଗୁଳିକାଣ୍ଡ ହୋଇଛି। ଏହି ଘଟଣା କେବଳ ଆମେରିକା ନୁହେଁ ସମଗ୍ର ବିଶ୍ୱରେ ହଇଚଇ ଦେଖାଦେଇଛି। ୧୮୭୧ରେ ଆମେରିକାରେ ଗଠନ ହୋଇଥିଲା ନ୍ୟାସନାଲ ରାଇଫଲ ଆସୋସିଏସନ। ଯେଉଁଥିରେ ସଦସ୍ୟମାନେ ରାଇଫଲ ପରିଚାଳନା, ରାଇଫଲ ସୁରକ୍ଷା ଏବଂ ଅଭ୍ୟାସ କରୁଥିଷଲ। ତେବେ ୧୯୭୫ରେ ଏଥିରେ ଯୋଡ଼ି ହୋଇଥିଲା ଇନ୍‌ଷ୍ଟିଚ୍ୟୁଟ ଫର ଲେଜିସଲେଟିଭ ଆକସନ। ସେହିଭଳି ଏନଆରଏ ୧୯୬୮ରେ ତତ୍କାଳୀନ ରାଷ୍ଟ୍ରପତି ଲ୍ୟାନଡନ ବି ଜନସନଙ୍କର ଗନ କେଣ୍ଟ୍ରାଲ ଆକ୍ଟକୁ ସମର୍ଥନ ଜଣାଇଥିଲା। ଯାହାଫଳରେ କେତକେ ସଦସ୍ୟ ଗନ ରାଇଟସ୍ ଆକ୍ଟକୁ ସମର୍ଥନ କରିବା ଆରମ୍ଭ କରିଥିଲେ। ୧୯୭୭ରେ ଏଥିରେ ବିରାମ ଲାଗିଥିଲା। ୧୭୯୧ରେ ୟୁଏସ ସମ୍ବିଧାନରେ ଦ୍ୱିତୀୟ ସଂଶୋଧନ ନିୟମ ଆସିଥିଲା। ଯାହା ଅଧିନରେ ଆମେରିକାର ନାଗରିକମାନେ ନିଜ ପାଖରେ ବନ୍ଧୁକ ରଖିବା ନେଇ ନିୟମ ଲାଗୁ ହୋଇଥିଲା।

## ଆମେରିକାରେ ବନ୍ଧୁକ ଆଇନ

ଆମେରିକାରେ ବନ୍ଧୁକ ରଖିବାର ବିଭିନ୍ନ ନିୟମ ରହିଛି, ଯାହା ଏହାର ବନ୍ଧୁକ କିଣା ବିକା ଉପରେ ପ୍ରଭାବ ପକାଇଥାଏ। ଆମେରିକା ରାଜନୀତିର ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହି ଆଇନ ଓ ଆକ୍ଟକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହୋଇଥାଏ। ନ୍ୟାସନାଲ ଫାୟାରଆର୍ମ ଆକ୍ଟ : ୧୯୩୪ରେ ଗଠନ ହୋଇଥିବା ଆଇନ ହିସାବରେ ବିଭିନ୍ନ ଭାରୀ ବନ୍ଧୁକର ନିର୍ମାଣ, ଆମଦାନୀ, ରପ୍ତାନି ଉପରେ କର ନିର୍ଦ୍ଧାରିତ ହୋଇଥିଲା। ଫେଡେରାଲ ଫାୟାରଆର୍ମ ଆକ୍ଟ : ୧୯୩୮ରେ ଲାଗୁ ହୋଇଥିବା ଏହି ନିୟମ ଅଧିନରେ ସମସ୍ତ ବନ୍ଧୁକ ନିର୍ମାଣ, ରପ୍ତାନି ଏବଂ ବ୍ୟବସାୟ କରିବା ପାଇଁ ଲାଇସେନ୍ସ ବାଧ୍ୟତାମୂଳକ ହୋଇଥିଲା। ଓମନିବସ୍ କ୍ରାଇମ କଣ୍ଟ୍ରୋଲ ଆଣ୍ଡ ସେଫ୍ଟିଷ୍ଟ୍ରିଟ ଆକ୍ଟ : ୧୯୬୮ରେ ଲାଗୁ ହୋଇଥିବା ଏହି ନିୟମରେ ୨୧ ବର୍ଷ ପୂର୍ବରୁ କେହି ହ୍ୟାଣ୍ଡଗନ ବା ହାତ ବନ୍ଧୁକ କିଣି ପାରିବେ ନାହିଁ। ଗନ କଣ୍ଟ୍ରୋଲ ଆକ୍ଟ : ଏହି ନିୟମ ମଧ୍ୟ ୧୯୬୮ରେ ଲାଗୁ ହୋଇଥିଲା। ଏହି ଆକ୍ଟରେ ମୁଖ୍ୟ ଭାବେ ଲାଇସେନ୍ସ ଥିବା ନିର୍ମାତା, ଡିଲର ଓ ଆମଦାନିକାରୀଙ୍କୁ ଛାଡ଼ି ଅନ୍ତରାଜ୍ୟ ହସ୍ତାନ୍ତରଣ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଫାୟାରଆର୍ମ ଓ୍ୱନରସ ପ୍ରୋଟେକସନ ଆକ୍ଟ : ୧୯୮୬ରେ ଲାଗୁ ହୋଇଥିବା ଏହି ଆକ୍ଟ ପୂର୍ବ ଗନ କଣ୍ଟ୍ରୋଲ ଆକ୍ଟକୁ ପରିବର୍ତ୍ତନ କରିଥିଲା। ଏହି ନିୟମ ଅନୁସାରେ ସାଧାରଣ ଲୋକଙ୍କର ଅଟୋମେଟିକ ଫାୟାରଆର୍ମ କିଣା ଉପରେ ପ୍ରତିବନ୍ଧକ ଲାଗିଥିଲା। ସେହିପରି ଅଟୋମେଟିକ ଫାୟାରଆର୍ମ ରପ୍ତାନି ପାଇଁ ଏଟିଏଫ ଅନୁମତି ଦରକାର ହୋଇଥାଏ। ଗନ ଫ୍ରି ସ୍କୁଲ ଜୋନ ଆକ୍ଟ : ୧୯୯୦ରେ ପାରିତ ହୋଇଥିବା ଏହି ଆକ୍ଟ ଅନୁସାରେ କୌଣସି ବି ବ୍ୟକ୍ତି ସ୍କୁଲ ଥିବା ଅଞ୍ଚଳରେ ବନ୍ଧୁକ ରଖି ପାରିବେ ନାହିଁ।

- ସୌର ଚନ୍ଦ୍ର ମହାପାତ୍ର

ପୃଥିବୀର ଯେତେ ବି ଦେଶ ଅଛି ସବୁଠାରୁ ଅଧିକ ବନ୍ଧୁକ ରହିଛି ଆମେରିକାରେ। ଏଠାରେ ମୁଣ୍ଡ ଓ ବନ୍ଧୁକ ଭିତରେ ଅନୁପାତ ଅଧିକା। ଏଠାରେ ବାସ କରୁଥିବା ନାଗରିକଙ୍କ ପାଖରେ ଅତି କମରେ ଗୋଟିଏ ୨୬୫ ଏମ ଫାୟାରଆର୍ମ ରହିଥାଏ। ଏହି ସଂଖ୍ୟା ଏତେ ଅଧିକା ଯେ ବିଶ୍ୱର ସବୁଠାରୁ ଅଧିକ ଲୋକ ଆମେରିକାରେ ହିଁ ରହିଛନ୍ତି ଯେଉଁମାନଙ୍କ ପାଖରେ ୨୬୫ଏମ୍ ଫାୟାରଆର୍ମ ରହିଛି। ଏହି ଆକଳନ ଅନୁପାତ ହିସାବରେ ପ୍ରତି ଜଣେ ଆମେରିକା ନାଗରିକ ପାଖରେ ଗୋଟିଏ ୨୬୫ଏମ୍ ଫାୟାରଆର୍ମ ରହିଛି। ରିପୋର୍ଟ ଅନୁଯାୟୀ ୨୨ରୁ ୩୧ ପ୍ରତିଶତ ଆମେରିକୀୟ ଯୁବବର୍ଗଙ୍କ ନିକଟରେ ବନ୍ଧୁକ ରହିଛି। ଅନ୍ୟ ଏକ ସର୍ଭେ ଅନୁସାରେ ୧୯୯୪ରେ ୬୫ ମିଲିଅନ ଲୋକଙ୍କ ପାଖରେ ହ୍ୟାଣ୍ଡଗନ ଥିବାବେଳେ ଏହି ସଂଖ୍ୟା ୨୦୧୫ରେ ବଢ଼ି ୧୧୧ ମିଲିଅନରେ ପହଞ୍ଚିଥିଲା। ଏହି ସଂଖ୍ୟା ପାଖାପାଖି ୭୧ ପ୍ରତିଶତ ବଢ଼ିଥିବା ବେଳେ ପ୍ରତିଦିନ ଏହା ବଢ଼ିବାରେ ଲାଗିଛି। ସେହିଭଳି ୧୯୯୪ରେ ପାଖାପାଖି ୪୨ ପ୍ରତିଶତ ପୁରୁଷ ବନ୍ଧୁକ ରଖୁଥିବା ବେଳେ ମାତ୍ର ୯ ପ୍ରତିଶତ ମହିଳାଙ୍କ ପାଖରେ ବନ୍ଧୁକ ରହୁଥିଲା। ହେଲେ ୨୦୧୫ରେ ପୁରୁଷଙ୍କ ପ୍ରତିଶତ କମି ୩୨ ପ୍ରତିଶତକୁ ଆସିଥିବାବେଳେ ମହିଳାଙ୍କର ବଢ଼ି ୧୨ ପ୍ରତିଶତକୁ ଯାଇଛି।

ଆମେରିକାରେ ବନ୍ଧୁକ ସାହାଯ୍ୟରେ ଅନେକ ହତ୍ୟା ହୋଇଥାଏ। ୨୦୨୦ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୪୩ ପ୍ରତିଶତ ଲୋକ ବନ୍ଧୁକ ଗୁଳିରେ ମରିଛନ୍ତି। ସିଡିସିର ତଥ୍ୟ ଅନୁସାରେ ଏହି ସଂଖ୍ୟା ୧୯,୩୮୪। ଏହି ସଂଖ୍ୟା ୨୦୧୯ ତୁଳନାରେ ୪୩ ପ୍ରତିଶତ ବଢ଼ିଥିବା ଜଣାପଡ଼ିଛି। ସେହିଭଳି ପୂର୍ବ ବର୍ଷ ଅପେକ୍ଷା ଏହା ୭୫ ପ୍ରତିଶତ ବଢ଼ିଛି। ପ୍ରତିଦିନ ଆମେରିକାରେ ପାଖାପାଖି ୫୩ ଜଣ ଫାୟାର ଆର୍ମରେ ମରୁଥିବା ଆକଳନ କରାଯାଇଛି। ସେହିଭଳି ଏହି ତଥ୍ୟ ଅନୁସାରେ ପ୍ରାୟ ୭୯ ପ୍ରତିଶତ ହତ୍ୟା ବନ୍ଧୁକରେ ହିଁ ହୋଇଥାଏ। ରିପୋର୍ଟ ଅନୁସାରେ ଆମେରିକାରେ ୫୦ ବର୍ଷ ପୂର୍ବେ ୯କୋଟି ବନ୍ଧୁକ ଥିଲା। କିନ୍ତୁ ୨୦୧୯ ଜାନୁଆରୀରୁ ୨୦୨୧ ଏପ୍ରିଲ ମଧ୍ୟରେ ବନ୍ଧୁକ ରଖୁଥିବା ଯୁବ ବର୍ଗଙ୍କ ସଂଖ୍ୟା ବଢ଼ିଛି। ଏକ ରିପୋର୍ଟ ଅନୁଯାୟୀ ସେହି ସମୟରେ କେବଳ ୭୫ ଲକ୍ଷ ପ୍ରାପ୍ତ ବୟସ୍କ ବନ୍ଧୁକ ରଖିବାକୁ ଲାଇସେନ୍ସ ହାସଲ କରିଛନ୍ତି।

ଓଡ଼ିଶାରେ ବିଶେଷକରି କଟକ ଭୁବନେଶ୍ୱର ଦ୍ୱୈତ ନଗରୀରେ ଦିନକୁ ଦିନ ଚୋରା ବନ୍ଧୁକର କାରବାର ବଢ଼ି ଚାଲିଛି। ପଡ଼ୋଶୀ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗରୁ ନିୟମିତ ଭାବେ ଉଦ୍‌ବେଗଜନକ ଭାବେ ଚୋର ବନ୍ଧୁକର କାରବାର ବଢୁଥିବାବେଳେ ଅସାମାଜିକ ତତ୍ତ୍ୱ ବଢ଼ିଚାଲିଛି। ଏ ନେଇ ପ୍ରଶାସନ ଓ ପୋଲିସ ନିୟମିତ, ତତ୍କାଳ ଓ ଦୂରଦୃଷ୍ଟି ସମ୍ପନ୍ନ ଚଡ଼ାଉ କରି ଏହା ଉପରେ ରୋକ ଲଗାଇବା ଅତ୍ୟନ୍ତ ଜରୁରୀ। ସେହିପରି ବନ୍ଧୁକ ଲାଇସେନ୍ସ ଦେବାବେଳେ ଆବେଦନକାରୀଙ୍କ ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୪୩୭୦୦୪୪୬୬

# ଭଲ ହୁଅ ଏବଂ ଭଲ ଦେଖ

ରାଜ କିଶୋର ମିଶ୍ର

ଆମେ ସମସ୍ତେ କହୁ ଯେ ଭଲ ହେବା ଓ ଭଲ ଦେଖିବା କିନ୍ତୁ ଏହା ଏକ ଛଳନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଆମ୍ଭେମାନେ ଆମ୍ଭମାନଙ୍କ ବ୍ୟକ୍ତିତ୍ୱକୁ ଅନ୍ୟମାନଙ୍କ ପାଇଁ ଆଦର୍ଶର ପ୍ରେରଣା ସୃଷ୍ଟି କରିପାରିନାହୁଁ। ଭଗବାନଙ୍କ ନାମସ୍ମରଣ ଅର୍ଥ ଏକ ଉନ୍ନତ ନୈତିକ ଚେତନାର ବିକାଶ କରିବା ଆମର ଅନ୍ତର ଏହି ପ୍ରକାରେ ଦୀପ୍ତୀରେ ସଦା ପ୍ରଜ୍ୱଳିତ ହୋଇ ରହିବା ଉଚିତ। ଆମେ ଜାଣ ଯେ ଆଲୋକ ଯେତେ ବେଳେ ଉଭେଇ ଯାଏ ଅନ୍ଧକାର ଘୋଟି ଆସେ। ଆମର ଦୃଷ୍ଟି ଯେତେବେଳେ ନିର୍ମଳ ହେବ ସେତେ ବେଳେ କେବଳ ଭଗବାନଙ୍କୁ ଆମେ ଦେଖିପାରିବା। ଅପରିଷ୍କୃତ ମନ କେବଳ ଖରାପ କଥା ହିଁ ଦେଖିବ।

ଯୁଧିଷ୍ଠିର ଥିଲେ ଧର୍ମ ପରାୟଣ ରାଜା। ସେହି ସମୟରେ ଦୁର୍ଯ୍ୟୋଧନ ଥିଲେ ଅତ୍ୟନ୍ତ ଦର୍ମତି ସଂପନ୍ନ ବିଧର୍ମୀ ରାଜା। ଦିନେ ଭଗବାନ କୃଷ୍ଣ ତାଙ୍କ ପାଇଁ ଏକ ଖଳ ପ୍ରକୃତିର ଲୋକକୁ ଖୋଜି ଆଣିବାକୁ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଲେ। ଯୁଧିଷ୍ଠିର ସବୁଆଡ଼େ ପରିଭ୍ରମଣ କରି ଗୋଟିଏ ହେଲେ ମନ୍ଦ ଲୋକ ନପାଇ କୃଷ୍ଣଙ୍କ ନିକଟକୁ ଫେରି ଆସିଲେ। ତାପରେ କୃଷ୍ଣ ତାଙ୍କ ନିକଟକୁ ଜଣେ ମାତ୍ର ଭଲ ଲୋକଙ୍କୁ ଆଣିବା ପାଇଁ ଅନାଚାରୀ ଦୁର୍ଯ୍ୟୋଧନଙ୍କୁ ଆଦେଶ ଦେଲେ। ସେ ଚାରିଆଡ଼େ ବୁଲିଲେ କିନ୍ତୁ ଜଣେ ହେଲେ ଭଲ ଲୋକ ତାଙ୍କ ଦୃଷ୍ଟି ଗୋଚର ହେଲାନାହିଁ। ସେ କୃଷ୍ଣଙ୍କ ନିକଟକୁ ଫେରିଆସି ତାହା ଜଣାଇଲେ।

ଉପରୋକ୍ତ ଗଳ୍ପଟିରୁ ଆମେ ଏହି ଶିକ୍ଷାଲାଭ କରୁ ଯେ ଆମେ ଯଦି ନିଜେ ଭଲ ହେବା ତାହାଲେ ସମସ୍ତେ ଆମ ପ୍ରତି ଭଲ ହେବେ। କିନ୍ତୁ ଆମେ ଯଦି ନିଜେ ମନ୍ଦ ଆଚରଣ କରିବୁ ତାହେଲେ ସାରା ସଂସାର ଆମକୁ ଅସାର ବୋଲି ପ୍ରତିଭାତ ହେବ। ପ୍ରତ୍ୟେକ ଲୋକ କିଛିନା କିଛି ସୁଗୁଣର ଅଧିକାରୀ। ଆମେ ଯଦି ମନ୍ଦ ଗୁଣଗୁଡ଼ିକୁ ନିରୀକ୍ଷଣ କରିବାକୁ ଚାହୁଁ, ତେବେ ପ୍ରଥମେ ଆମେ ଆମ ଭିତରେ ତାହା ଆବିଷ୍କାର କରିବା ଉଚିତ। ଆମେ ଯଦି ଏପରିକରୁ ଧୀରେ ଧୀରେ ଆମ ଭିତରେ ଥିବା ଦୁର୍ଗୁଣ ଗୁଡ଼ିକ ଲୋପ ପାଇଯିବ। ଆମେ ଯଦି ଅନ୍ୟର ଦୋଷ ଗୁଡ଼ିକ ଖାଲି ବାଛି ବସୁ ଏବଂ ନିଜର ଗୁଣଗାନ କରୁ ତେବେ ଆମର ଯାହା କିଛି ସୁଗୁଣ ଥିବ ତାହା ମଧ୍ୟ ଆମକୁ ଛାଡ଼ି ଚାଲିଯିବ। ତଦ୍ୱାରା ଦୁର୍ଗୁଣ ଗୁଡ଼ିକ ବଢ଼ି ଚାଲିବ। ଏ ସଂସାରରେ ବାସ କରୁଥିବା ଅନେକ ଲୋକଙ୍କ ଆମେ ନିନ୍ଦାଗାନ କରିଥାଉ, ତାଙ୍କୁ ସମାଲୋଚନା କରୁ, ତାଙ୍କର ଅନିଷ୍ଟ ଚିନ୍ତା କରୁ, ଏପରି ଆଚରଣ କରିବା ଦ୍ୱାରା ଆମର ମନ ଦିନକୁ ଦିନ ଦୂଷିତ ହୋଇଯାଏ। ତେଣୁ ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବାକୁ ହେଲେ ଅନ୍ୟର କେବଳ ଭଲଗୁଣ ଗୁଡ଼ିକ ଦେଖିବା ଉଚିତ। ସମସ୍ତଙ୍କ ପ୍ରତି ସ୍ନେହ ପ୍ରଦର୍ଶନ କରିବା ଉଚିତ।

ଆମେ ଯଦି ଅନ୍ୟମାନଙ୍କର ସୁଗୁଣ ପ୍ରତି ଆକର୍ଷିତ ହୁଅ ତାହାହେଲେ ଆମେ ସେମାନଙ୍କ ହୃଦୟରେ ବିରାଜିତ ଥିବା ଈଶ୍ୱରଙ୍କୁ ଦେଖିପାରିବ, କାରଣ କେବଳ ଭଗବାନ ହେଉଛନ୍ତି ଉତ୍ତମ ଓ ଶ୍ରେଷ୍ଠ। ଅନ୍ୟ ମାନଙ୍କ ହୃଦୟରେ ତାଙ୍କୁ ଦର୍ଶନ କରି ପାରିଲେ ଆମେ ନିଜ ଭିତରେ ମଧ୍ୟ ଭଗବାନଙ୍କ ସତ୍ତାକୁ ଉପଲବ୍ଧି କରି ପାରିବା। ଆମେ ଯେତେ ସମୟ ପର୍ଯ୍ୟନ୍ତ ଅନ୍ୟକୁ ସମାଲୋଚନା କରୁଥିବା ସେତେବେଳ ପର୍ଯ୍ୟନ୍ତ ଆମେ ସେମାନଙ୍କ ଆତ୍ମାରେ ଥିବା ଈଶ୍ୱରଙ୍କୁ ଦର୍ଶନ କରିପାରିବା ନାହିଁ।

ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ
ଦୂରଭାଷ : ୭୦୦୮୧୮୧୮୨୦

## ୫୦ ବର୍ଷ ପରେ ମଧ୍ୟ ଚନ୍ଦ୍ରପୃଷ୍ଠରେ ଅକ୍ଷୁଣ୍ଣ ରହିଛି ଆର୍ମଷ୍ଟ୍ରଙ୍ଗ ଓ ଆଲଡ୍ରିନ୍‌ଙ୍କ ପାଦଚିହ୍ନ

ଆମେରିକୀୟ ମହାକାଶଯାନ ଆପୋଲୋ-୧୧ରେ ଚନ୍ଦ୍ର ଅଭିଯାନ କରିଥିବା ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ ବିଶ୍ୱର ପ୍ରଥମ ବ୍ୟକ୍ତି ଭାବେ ୧୯୬୯ ଜୁଲାଇ ୨୦ରେ ଚନ୍ଦ୍ରପୃଷ୍ଠରେ ପଦଚାରଣ କରିଥିଲେ। ତେବେ ତାଙ୍କର ଏହି ଐତିହାସିକ ଉପଲବ୍ଧିର ଦୀର୍ଘ ୫୦ ବର୍ଷ ପରେ ମଧ୍ୟ ଚନ୍ଦ୍ରପୃଷ୍ଠରେ ତାଙ୍କ ପଦଚିହ୍ନଗୁଡ଼ିକ ସେମିତି ଅକ୍ଷୁଣ୍ଣ ରହିଛି। ନିକଟରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ପକ୍ଷରୁ ସେଇ ପଦଚିହ୍ନ ସମ୍ବଳିତ ଚନ୍ଦ୍ରପୃଷ୍ଠର ସଦ୍ୟ ଉତ୍ତୋଳିତ ଫଟୋ ପ୍ରକାଶ କରାଯାଇଛି। 'ନାସା'ର ମହାକାଶଯାନ 'ଲୁନାର ରିକନ୍ନାଇସାନ୍ସ ଅର୍ବିଟର' ଦ୍ୱାରା ଉତ୍ତୋଳନ କରାଯାଇଥିବା ଏହି ଫଟୋ ସମୂହରେ ଆର୍ମଷ୍ଟ୍ରଙ୍ଗ ଓ ତାଙ୍କ ପରେ ସହଯାତ୍ରୀ ଏଡ୍ୱିନ୍ ଆଲଡ୍ରିନ୍ ମଧ୍ୟ ସେଠାରେ ବିଚରଣ କରିଥିବା ପଦଚିହ୍ନଗୁଡ଼ିକ ସ୍ପଷ୍ଟ ଭାବେ ଜଣାପଡୁଛି। ଏଥି



ସହିତ ଆଉ ଏକ ବିଶେଷ ସ୍ମାରକୀ ମଧ୍ୟ ସେଠାରେ ଅକ୍ଷତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଆର୍ମଷ୍ଟ୍ରଙ୍ଗ ଓ ସାଥୀ ମହାକାଶଚାରୀ ସେଠାରୁ ମୃତ୍ତିକା ସଂଗ୍ରହ ପରେ ସାଙ୍ଗରେ ନେଇଥିବା ଏକ ଫଳକକୁ ସେଠାରେ ପୋତିଥିଲେ। ସେଥିରେ ଲେଖାଥିଲା, 'ପୃଥିବୀରୁ ଆସିଥିବା ମାନବ ଏଠାରେ ୧୯୬୯ ଜୁଲାଇରେ ପ୍ରଥମେ ପାଦ ଥାପିଲେ। ସମଗ୍ର ମାନବଜାତିର ଶାନ୍ତି କାମନା କରି ଆମେ ଏଠାକୁ ଆସିଛୁ।' ଅଦ୍ୟାବଧି ଉକ୍ତ ଫଳକ ସମେତ ସେଥିରେ ଲେଖାଥିବା ବାର୍ତ୍ତା ମଧ୍ୟ ସେମିତି ଅକ୍ଷୁଣ୍ଣ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଚନ୍ଦ୍ରର ବାୟୁମଣ୍ଡଳ ନଥିବାରୁ ସେଠାରେ ଧୂଳିଝଡ଼ର ଆଶଙ୍କା ନାହିଁ। ସେହିପରି ସେଠାରେ ଜଳ ନଥିବାରୁ ଜଳୀୟବାଷ୍ପ ଜନିତ ବର୍ଷା କି ଜଳସ୍ରୋତର ଉପଦ୍ରବ ମଧ୍ୟ ନାହିଁ। ସୁତରାଂ ମହାକାଶଚାରୀଙ୍କ ପଦଚିହ୍ନ ସମେତ ଉକ୍ତ ସ୍ମାରକୀ ଫଳକ ଅକ୍ଷତ ରହିଛି।

## ଅନନ୍ୟାଙ୍କୁ କିସ୍ କଲେ ବିଜୟ, ଛାଡି ଚାଲିଗଲେ ରଣବୀର




ଫିଲ୍ମ 'ଲାଇଗର' ଟିମ୍ ପାଇଁ ଏକ ବିଶେଷ ଦିନ ଥିଲା। ଫିଲ୍ମର ଟ୍ରେଲର ଏକ ବଡ଼ ଆକାରରେ ରିଲିଜ୍ କରାଯାଇଛି। କହିବାକୁ ଗଲେ ଏହାର ଟ୍ରେଲର କେବଳ ଗୋଟିଏ ନୁହେଁ ହାଇଦ୍ରାବାଦ ଏବଂ ମୁମ୍ବାଇର ୨ଟି ସହରରେ ରିଲିଜ୍ ହୋଇଛି। ମୁମ୍ବାଇରେ ହୋଇଥିବା ଏହି ଇଭେଣ୍ଟ ଅତ୍ୟନ୍ତ ଚମତ୍କାର ଥିଲା। କାରଣ ଏଥିରେ ରଣବୀର ସିଂ ଆସିଥିଲେ। ରଣବୀର ଯେଉଁଠାରେ ଥାଆନ୍ତି, ସେଠାରେ ମଜା ଏବଂ ମସ୍ତି ଧମାଲ୍ ହୋଇଥାଏ। ଏହାର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଯେଉଁଥିରେ ବିଜୟ ଓ ଅନନ୍ୟାଙ୍କ ସହ ଏପରି କିଛି କରିଛନ୍ତି। ଯାହାକୁ ଦେଖି ରଣବୀରଙ୍କୁ ବହୁତ ଖରାପ ଲାଗିଛି ଏବଂ ଷ୍ଟେଜ୍ ଛାଡିକି ଚାଲିଯାଇଛନ୍ତି। ବର୍ତ୍ତମାନ ଆପଣ ଭାବୁଥିବେ ହେଲେ ତା ପୂର୍ବରୁ ହିଁ ହଙ୍ଗାମା ହୋଇଯାଇଛି। ବାସ୍ତବରେ, ଏହି ତିନି କଳାକାର ଷ୍ଟେଜ୍ ଉପରେ ଫିଲ୍ମର ଗୀତରେ ନାଚୁଥିବା ବେଳେ ରଣବୀର ପ୍ରଥମେ ବିଜୟଙ୍କ ସହ ଡ୍ୟାନ୍ସ ଷ୍ଟେପ କରନ୍ତି। ତା'ପରେ ଅନନ୍ୟା ମଧ୍ୟ ଆସନ୍ତି ଏହି ସମୟରେ ବିଜୟ ଅନନ୍ୟାଙ୍କ ଗାଲ୍‌ରେ କିସ୍ କରି ଦିଅନ୍ତି। ଏହା ଦେଖି ରଣବୀର ବିଜୟଙ୍କୁ ଆଙ୍ଗୁଠି ଉଠାଇ ମଜା କରି ମଞ୍ଚ ଛାଡି ଚାଲି ଯାଆନ୍ତି। ୟୁଜର୍ସ ଏହି ଭିଡିଓକୁ ଦେଖି ଖୁବ୍ ପସନ୍ଦ କରୁଛନ୍ତି। ଲାଇଗର୍ ଫିଲ୍ମ ବିଷୟରେ କହିବାକୁ ଗଲେ ବିଜୟ ଏହି ଫିଲ୍ମ ମାଧ୍ୟମରେ ବିଜୟ ବଲିଉଡରେ ଡେବ୍ୟୁ କରିଛନ୍ତି। ସେ ଏଥିରେ ଜଣେ ବକ୍ସର ଭୂମିକାରେ ଅଭିନୟ କରୁଥିବା ବେଳେ ବିପକ୍ଷରେ ନଜର ଆସିବେ ଅନନ୍ୟା। ବର୍ତ୍ତମାନ ଏହି ଟ୍ରେଲରକୁ ଦେଖି ୟୁଜର୍ସଙ୍କୁ ବହୁତ ପ୍ରଶଂସା କରୁଛନ୍ତି। କେବଳ ଏତିକି ନୁହେଁ, ଟ୍ରେଲର ରିଲିଜ ହେବା ମାତ୍ରେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବା ଆରମ୍ଭ କଲାଣି। ୨୫ ଅଗଷ୍ଟରେ ହିନ୍ଦୀ, ତାମିଲ, ମାଲାୟାଲମ୍, କନ୍ନଡ ଏବଂ ତେଲୁଗୁ ଭାଷାରେ ରିଲିଜ୍ ହେବ।

## ଇଣ୍ଡୋନେସିଆରେ ବିଷ୍ଣୁଙ୍କ ସର୍ବୋଚ୍ଚ ମୂର୍ତ୍ତି



ପୃଥିବୀର ସବୁଠାରୁ ଉଚ୍ଚତମ ବିଷ୍ଣୁ ମୂର୍ତ୍ତି ଇଣ୍ଡୋନେସିଆରେ ରହିଛି। ଏହା ଏତେ ବିଶାଳ ଯେ, ମୂର୍ତ୍ତିଟିର ଉଚ୍ଚତା ୪୦୦ ଫୁଟ, ଓସାର ୨୧୭ଫୁଟ ରହିଛି। ଏହାକୁ ତମ୍ବା ଓ ପିତଳରେ ନିର୍ମାଣ କରାଯାଇଛି। ଏହାକୁ ନିର୍ମାଣ କରିବା ପାଇଁ ୨୫ ବର୍ଷରୁ ଅଧିକ ସମୟ ଲାଗିଛି। କୁହାଯାଏ ୧୯୭୯ରେ ଇଣ୍ଡୋନେସିଆର ମୂର୍ତ୍ତିକାର ବପ୍ପା ନ୍ୟୁମନ୍ ନୁଆର୍ତ୍ତା ସବୁଠାରୁ ବିଶାଳ ମୂର୍ତ୍ତି ତିଆରି କରିବା ପାଇଁ ସ୍ୱପ୍ନ ଦେଖିଥିଲେ। ଏହାକୁ ସାକାର କରିବା ପାଇଁ ଏକ କମ୍ପାନି ମଧ୍ୟ ତିଆରି କରାଯାଇଥିଲା। ଶେଷରେ ୧୯୯୩ରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ଜୁଲାଇ, ୨୦୧୮ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ବାଲି ଦ୍ୱୀପର ଉଙ୍ଗାସନରେ ଏହି ମୂର୍ତ୍ତିକାରଙ୍କୁ ତାଙ୍କ ପରିଶ୍ରମ ପାଇଁ ସମ୍ମାନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ।

## ହ୍ୱିସିଲ ମାରି ଡାକନ୍ତି ଲୋକେ

ପୃଥିବୀରେ ଅନେକ ଗାଁ ରହିଛି ଯାହା ସେମାନଙ୍କର କିଛି ବିଶେଷତ୍ୱକୁ ନେଇ ପରିଚୟ ପାଇଛନ୍ତି। ସେମିତି ଏକ ଗାଁ ହେଉଛି ମେଘାଳୟର କାଙ୍ଗଥାଙ୍ଗ ଗାଁ। ଏହି ଗାଁର ବିଶେଷତ୍ୱ ହେଉଛି ଯେ, ଏଠି କେହି କାହାକୁ ନାମ ଧରି ଡାକନ୍ତି ନାହିଁ ବରଂ ହ୍ୱିସିଲ୍ ମାରି





ଡାକନ୍ତି। ତେଣୁ ଉକ୍ତ ଗାଁ ହ୍ୱିସିଲିଂ ଭିଲେଜ୍ ନାମରେ ପରିଚିତ। ଏଠି ଭିନ୍ନ ଭିନ୍ନ ଲୋକଙ୍କୁ ଭିନ୍ନ ଭିନ୍ନ ଟ୍ୟୁନ୍‌ରେ ହ୍ୱିସିଲ୍ ମାରି ଡକାଯାଏ। ତେବେ ଏଭଳି ହ୍ୱିସିଲ୍ ମାରିବା ପଛରେ ଏକ ସ୍ୱତନ୍ତ୍ର କାହାଣୀ ରହିଛି। କାହାଣୀ ଅନୁସାରେ ଗାଁର ଜଣେ ବ୍ୟକ୍ତି ଶତ୍ରୁଙ୍କଠାରୁ ଜୀବନ ବଞ୍ଚାଇ ଦୌଡ଼ିବା ସମୟରେ ଏକ ଗଛ ଉପରେ ଚଢ଼ି ଯାଇଥିଲେ। ଆଉ ସହାୟତା ଲାଗି ସେ ନିଜ ବନ୍ଧୁମାନଙ୍କୁ ଜଙ୍ଗଲୀ ସ୍ୱର ବାହାର କରି ଡାକିଥିଲେ। ଯାହାକୁ ତାଙ୍କ ବନ୍ଧୁମାନେ ବୁଝିପାରିଥିଲେ ଓ ତାଙ୍କୁ ବଞ୍ଚାଇଥିଲେ। କୁହାଯାଏ ଏହାପରଠାରୁ ଲୋକେ ସିଟିଦ୍ୱାରା ଭାବର ଆଦାନ ପ୍ରଦାନ କରି ଆସୁଛନ୍ତି। ଲୋକେ ସାଧାରଣ ନାମରେ ନ ଡାକି ଅଲଗା ଅଲଗା ପ୍ରକାର ହ୍ୱିସିଲିଂ ଟ୍ୟୁନ୍‌ରେ ଡାକିଥାନ୍ତି। ଏହି ଗାଁରେ ପିଲାଟିଏ ଜନ୍ମ ହେଲେ ପ୍ରଥମରୁ ଏକ ସ୍ୱତନ୍ତ୍ର ହ୍ୱିସିଲିଂ ଟ୍ୟୁନ୍ ଦିଆଯାଇଥାଏ। ଏଠାରେ ୧୦୯ ପରିବାର ଓ ୬୨୭ ଲୋକ ବସବାସ କରିଥାନ୍ତି।

## ୨୪ ଇଞ୍ଚର ଶିଶୁ



ଆମେରିକାର ଲୁସିଆନାରେ ଜଣେ ଶିଶୁ କନ୍ୟାର ଉଚ୍ଚତା ତା'ର ମା' ବାପାଙ୍କ ଚିନ୍ତା ବଢ଼ାଇଛି। ୨ ବର୍ଷୀୟ ଏହି ଶିଶୁର ଉଚ୍ଚତା ୨୪ ଇଞ୍ଚ ପର୍ଯ୍ୟନ୍ତ ବଢ଼ିବ ବୋଲି ଡାକ୍ତର କହିବା ପରେ ସେମାନେ ବ୍ୟସ୍ତ ହେଉଛନ୍ତି। ଶିଶୁଟି ଡ୍ୱାର୍ଫିଜମ୍ ନାମକ ରୋଗରେ ପୀଡ଼ିତ। ଏହି ରୋଗ ଯୋଗୁ ବ୍ୟକ୍ତିର ଉଚ୍ଚତା ବଢ଼େ ନାହିଁ। ସେ ବାମନ ହୋଇ ରହେ। ଶିଶୁର ନାଁ ଅବିଗେଲ୍। ତା'ର ଓଜନ ମାତ୍ର ୩.୧୮ କିଲୋ। ଡାକ୍ତରଙ୍କ କହିବା ଅନୁସାରେ ଅବିଗେଲ୍ ମାଇକ୍ରୋସେଫାଲିସ୍ ନାମକ ବିରଳ ରୋଗରେ ମଧ୍ୟ ପୀଡ଼ିତ। ସେଥିପାଇଁ ସେ ମାତ୍ର ୨୪ ଇଞ୍ଚ ପର୍ଯ୍ୟନ୍ତ ବଢ଼ିପାରିବ। ଜନ୍ମ ସମୟରେ ସେ ୧ କିଲୋ ୧୬ ଗ୍ରାମ୍ ଥିଲା। ଦିନକୁ ସେ ମାତ୍ର ୨ ଗ୍ରାମ୍ ବଢୁଛି। ଏ ନେଇ ବାପା ମା' ଖୁବ୍ ଚିନ୍ତାରେ ଅଛନ୍ତି। ଅବିଗେଲ୍ ସୁସ୍ଥ, କିନ୍ତୁ ଅନେକ ସମସ୍ୟା ମଧ୍ୟରେ ଗତିକରୁଛି। ସେ ଚାଲିପାରୁନି, ଗୁରୁଣ୍ଡି ଗୁରୁଣ୍ଡି ଚାଲୁଛି। ତା'ର ଦୃଷ୍ଟିଶକ୍ତି ମଧ୍ୟ ବହୁତ ଖରାପ।

## କ୍ୟାଟ୍ରିନା- ଭିକିଙ୍କୁ ହତ୍ୟା ଧମକ

ବଲିଉଡର ପପୁଲାର କପଲ୍ ଅଭିନେତା ଭିକି କୌଶଲ ଏବଂ କ୍ୟାଟ୍ରିନା କୈଫ। ସଲମାନଙ୍କ ପରେ ଏବେ ଏହି କପଲ୍‌ଙ୍କୁ ମିଳିଛି ଜୀବନରୁ ମାରିଦେବାକୁ ଧମକ। କ୍ୟାଟ୍ରିନା ଏବଂ ଭିକିଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ମିଳିଛି ହତ୍ୟା ଧମକ। ଏହି ଖବର ଶୁଣିବା ପରେ ତାଙ୍କ ଫ୍ୟାନ୍ସ ଚିନ୍ତାରେ ପଡ଼ିଯାଇଛନ୍ତି। ତେବେ ମିଡିଆ ରିପୋର୍ଟ ଅନୁଯାୟୀ ମୁମ୍ବାଇ ପୋଲିସ୍ ଏହି ମାମଲାର ତଦନ୍ତ ଆରମ୍ଭ କରି ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏବେ ହତ୍ୟା ଧମକ କିଏ ଏବଂ କାହିଁକି ଦେଇଛି ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ। କହିବାକୁ ଗଲେ ଉଭୟ କଳାକାର ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ୍ ରହିଥାନ୍ତି। ପ୍ରଶଂସକଙ୍କ ପାଇଁ ସେମାନଙ୍କର ପର୍ସନାଲଠାରୁ ଆରମ୍ଭ କରି ପ୍ରଫେସନାଲ ଯାଏଁ ଏବଂ ଫଟୋ ଏବଂ ଭିଡିଓ ସେୟାର କରନ୍ତି। ଦୀର୍ଘ ସମୟ ଧରି ରିଲେସନସିପ୍‌ରେ ରହିବା ପରେ ଦୁହେଁ ବିବାହ କରିଥିଲେ। କହିବାକୁ ଗଲେ ନିକଟରେ କ୍ୟାଟ୍ରିନା ତାଙ୍କ ଜନ୍ମଦିନ ପାଳନ କରିବା ପାଇଁ ଭିକିଙ୍କ ସହ ମାଳଦ୍ୱୀପ ଯାଇଥିଲେ।



## ଜଙ୍ଗଲ କାଟି ଏକର ଏକର ଗଞ୍ଜେଇ ଚାଷ,ମାଫିଆ ମାଲେମାଲ

### ନିରବ ଦ୍ରଷ୍ଟା ଅବକାରୀ ଓ ପୋଲିସ, କୁମ୍ଭ କର୍ଣ ନିଦ୍ରାରେ ପୁରୁଣାକଟକ ବନବିଭାଗ



ବୌଦ୍ଧ,୪/୧ (ନି.ପ୍ର): ବୌଦ୍ଧ ଜିଲ୍ଲା ଗଞ୍ଜେଇ ର ଗନ୍ତାଘର.. କାଟିଲେ ମଧ ଛିଡୁନି ଗଞ୍ଜେଇ ଚେର । ଏପଟେ ବୌଦ୍ଧ ପୋଲିସ ଦିନ ରାତି ଏକକରି ଏକର ଏକର ବେଆଇନ ଗଞ୍ଜେଇ କାଟ ଅଭିଯାନ ଚଳାଇଛି । ଏନେଇ ଦୈନିକ ପୋଲିସ ପକ୍ଷରୁ ସୂଚନା ଦିଆଯାଉଛି କିନ୍ତୁ ଗୋଟେ ପଟେ ପୋଲିସ ହେଉ କି ଅବକାରୀ ଗଞ୍ଜେଇ କାଟ ଅଭିଯାନ ଜାରି ରଖିଥିବା ବେଳେ ପୋଲିସ କୁ ଚକମା ଦେଇ ମାଆଫି ମାନେ ଚତୁରତା ସହ ଜଙ୍ଗଲ ସଫା କରି ଗଞ୍ଜେଇ ଚାଷ ରେ ମାତିଛନ୍ତି । କିପରି ଜାଣି ପାରୁନି ପୋଲିସ କି ଅବକାରୀ, ଏପଟେ ଜଙ୍ଗଲ କାଟି ଚାଷ ହେଉଥିଲେ ମଧ ଜାଣି ଅଜଣା ପରି ହେଉଛି ବନ ବିଭାଗ । ଗଛ ର ସୁରକ୍ଷା ବଦଳ ରେ ନିଜେ ରକ୍ଷକ ସାଜି ଭକ୍ଷକ ପରି କିଛି ମୁଟାଅଙ୍କ ପାଇ ଗଞ୍ଜେଇ ମାଆଫି ଙ୍କୁ ବନ ବିଭାଗ ଦେଉଛି କି ପ୍ରଶୟ ଏମିତି ସାଧାରଣ ରେ ଅନେକ ପ୍ରଶ୍ନ ଉଠୁଥିବା ବେଳେ । ବୌଦ୍ଧ ଜିଲ୍ଲା ପୁରୁଣା କଟକ ରେଞ୍ଜ ତଥା ଥାନା ନାକ ତଳେ ପାରାସଂରକ୍ଷିତ ଜଙ୍ଗଲ ମଧରେ ହୋଇଛି ବେଆଇନ ଗଞ୍ଜେଇ ଚାଷ । ମୂଲ୍ୟବାନ ଗଛ ନଷ୍ଟ ହେବା, ବେଆଇନ ଭାବେ ଗଞ୍ଜେଇ ଚାଷ ହେବା ମାଆଫି ମାଲେମାଲ ହେଉଥିବା ବେଳେ ପୁରା କୁମ୍ଭକର୍ଣ ନିଦ୍ରାରେ ବନ ବିଭାଗ ସୋଇଛି । କାହିଁକି ଗଞ୍ଜେଇ ମାଆଫି ଙ୍କ ପ୍ରତି ଅନୁକମ୍ପା ଦେଖାଉଛି ପୋଲିସ ଓ ବନ ବିଭାଗ । ଏନେଇ ପୁରୁଣା କଟକ ରେଞ୍ଜ ଅଧିକାରୀ ଜୟନ୍ତ ଦାସ ଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ସମ୍ଭବପର ହୋଇ ପାରିନଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## ବାର୍ଷିକ ଶାମ୍ଭ ଦଶମୀ ମହୋତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଆଠମଲ୍ଲିକ,୪/୧ (ନି.ପ୍ର): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଆମ୍ବସରମୁଣ୍ଡା ସ୍ଥିତ ଗୋଣ୍ଡ ଭବନ ପରିସର ମଧରେ ଗୋଣ୍ଡ ସମାଜ ର ଆରାଧ ଦେବତା ମହାପ୍ରଭୁ ଜଂଘା ବଡ଼ ଦେଓ ଙ୍କ ବାର୍ଷିକ ପୂଜା ମହୋତ୍ସବ ପୌଷ ମାସ ଶାମ୍ଭ ଦଶମୀ ତିଥିରେ ଆସନ୍ତା ତା ୯/୧୩/୨୪ ରିଖ ଗୁରୁବାର ଦିନ ପାଳନ ହେବାକୁ ଥିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ମନ୍ଦିର କମିଟି ର ଅଧକ୍ଷ ତଥା ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଓଡ଼ିଶା ପ୍ରଦେଶ ମହାସଚିବ ପ୍ୟାରୀ ମୋହନ ନାୟକ , ଗୋଣ୍ଡୱାନ ଗୋଣ୍ଡ ମହାସଭାର ଅନୁଗୋଳ ଜିଲ୍ଲା ସଭାପତି ସଦାଶିବ ନାୟକ, କେନ୍ଦ୍ର କମିଟି ସଭାପତି ଭଜମନ ନାୟକ,ଶାମ୍ଭ ଦଶମୀ ପୂଜା କମିଟି ସଭାପତି ତଥା ୬ ନଂ ଜୁନ ଜିଲ୍ଲା ପରିଷଦ ସଭ୍ୟ ଯୁଧିଷ୍ଠିର ସିଂହ, ରାଜ୍ୟ ସଭାନେତ୍ରୀ ସୁଜାତା ନାୟକ, ଜାହ୍ନବୀ ନାୟକ ସମେତ ୧୬ ଗୋଟି ପୁଞ୍ଜିର ସଭାପତି ଓ ସମ୍ପାଦକ ମାନେ ଉପସ୍ଥିତ ରହି ଅଂଶ ଗ୍ରହଣ କରିଥିଲେ । ଆସନ୍ତା ୯/ ୧୨/୨୪ ଗୁରୁବାର ଦିନ ଶାମ୍ଭ ଦଶମୀ ତିଥିରେ ମହାପ୍ରଭୁ ଜଂଘା ବଡ଼ ଦେଓ ଙ୍କ ଦ୍ୱାଦଶ ତମ ବାର୍ଷିକ ପୂଜା କିପରି ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହେବ ତାହା ଉପରେ ଏକ ବିଶଦ ଭାବେ ଆଲୋଚନା କରାଯାଇଥିଲା । ଶାମ୍ଭ ଦଶମୀ ପୂଜା କମିଟି ର ନୀତି ନିୟମ ଆଦର୍ଶରେ ପଲ୍ଲୀ ଠାରୁ ପୁଞ୍ଜି ପ୍ରଗଣା, କେନ୍ଦ୍ର ର ସମଷ୍ଟ ଜାତି ସମାଜ ଉକ୍ତ ମହୋତ୍ସବ ରେ ଉପସ୍ଥିତ ରହି ମହାପ୍ରଭୁ ଜଂଘା ବଡ଼ ଦେଓ ଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିବାକୁ ନିଷ୍ପତି ନିଆଯାଇଅଛି ।

## ପି.ନୂଆଗାଁ ରେ ମହନ୍ତ ଶ୍ରୀ ରାଘବ ଦାସ ମହାରାଜଙ୍କ ୪୪ ତମ ବାର୍ଷିକ ମହୋତ୍ସବ

ବେଗୁନିଆପଡ଼ା, ୪/୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ବୁରୁଝରି ପଂଚାୟତର ପି. ନୂଆଗାଁ ସ୍ଥିତ ଭାଗବତ ମଠ ପରିସରରେ ମହନ୍ତ ଶ୍ରୀ ରାଘବ ଦାସ ମହାରାଜ ଙ୍କ ୪୪ ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଯାଇଛି । ସୂଚନାନୁଯାଇ ଗତ ଶୁକ୍ରବାର ଦିନ ଠାରୁ ଶ୍ରୀ ରାମ ଚରିତ ମାନସ, ଅଖଣ୍ଡ ପାରାୟଣ, ପ୍ରବଚନ, ଜ୍ଞାନଯଜ୍ଞ ଆଦି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆଜି ସମାପ୍ତ ହୋଇଛି । ମହନ୍ତ ଶ୍ରୀ ଦାମୋଦର ଦାସ ମହାରାଜ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ରେ ବ୍ୟାସ ଭାବେ ପଣ୍ଡିତ ରାଧା ଚରଣ ଦାସ, ପ୍ରବଚକ ଭାବେ ସନ୍ଥ ବିଜୟ ରାଘବେନ୍ଦ୍ର ଦାସ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୁରୋହିତ ଭାବେ ଆଦିତ୍ୟ ରଥ ଯୋଗ ଦେଇ ପୂଜା ଅର୍ଚ୍ଚନା କରିଥିଲେ । ଏଥିରେ ବହୁ ସାଧୁ ସନ୍ଥ ସମେତ ବହୁ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେବା ସହ ସହଯୋଗ କରିଥିଲେ । ରବିବାର ଶେଷ ଦିନରେ ସନ୍ଥ ପୂଜନ ଓ ପ୍ରସାଦ ସେବନ ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶନିବାର ଦିନ ସନ୍ଧ୍ୟାରେ ଆସିକା ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନି ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଆଶୀର୍ବାଦ ଭିକ୍ଷା କରିବା ସହିତ



ରାମ ଙ୍କ ବାର୍ତ୍ତାକୁ ସମାଜ ଗ୍ରହଣ କରିବା ଉଚିତ ବୋଲି ଯୁବ ସମାଜକୁ ଆହ୍ୱାନ ଦେଇଥିଲେ ।

## କୁଚିଣ୍ଡା ଉପଖଣ୍ଡରେ ଲୋକକଳା ଓ ଲୋକ ନୃତ୍ୟର ସ୍ଥିତି ଓ ପ୍ରଗତି ଉପରେ ଆଲୋଚନା ଚକ୍ର

କୁଚିଣ୍ଡା: ୪/୧ (ନି.ପ୍ର):ଲୋକ କଳା ମହୋତ୍ସବ ,ସମ୍ବଲପୁର ପକ୍ଷରୁ କୁଚିଣ୍ଡା କଲେଜ ପ୍ରେକ୍ଷ ।ଳୟରେ କୁଚିଣ୍ଡା ଉପଖଣ୍ଡରେ ଲୋକ କଳା ଓ ଲୋକ ନୃତ୍ୟ ର ସ୍ଥିତି ଓ ପ୍ରଗତି ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି ।

ଏଥିରେ ପଞ୍ଚାୟତ ରାଜ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଲୋକ କଳାକୁ ଅପମିଶ୍ରଣ ମୁକ୍ତ ରଖିବାକୁ ଆହ୍ୱାନ ଦେବା ସହ ଗୁଦୁ ଗୁଡ଼ା ମହୋତ୍ସବ କୁ ପୁନଃ ପ୍ରଚଳନ କରିବାକୁ ଆହ୍ୱାନ ଦେଇଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ଦ୍ୱାରିକା ନାଥ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନା ସଭାରେ ପଦ୍ମଶ୍ରୀ ମିତ୍ର ଭାନୁ ଗୌନ୍ତିଆ, ଉପଜିଲ୍ଲାପାଳ ଗୌରବ ମୟ ପଧାନ, ଦିଲ୍ଲୀପ ପାଣି ଓ ସୁରଥ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କୁଚିଣ୍ଡା ଉପଖଣ୍ଡରେ ଲୋକ କଳା ର ସ୍ଥିତି ଓ ପ୍ରଗତି ଉପରେ ଆଲୋଚନା କରି ଥିଲେ ।

ଏତତ୍ ବ୍ୟତୀତ ଅବସର ପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ,ବରିଷ୍ଠ ନାଗରିକ ସଂଘ ର କର୍ମକର୍ତ୍ତା, ସଂଗଠକ ମଳୟ ବେହେରା, ପ୍ରଧାନ ଶିକ୍ଷକ ରତନ ଲାଲ ସିଂହ ପ୍ରମୁଖ ଉପ ସ୍ଥିତ ରହି ଆଲୋଚନା କରିଥିଲେ ।ସଭା ପୂର୍ବରୁ ପୂର୍ବତନ ପ୍ରଧାନ ମନ୍ତ୍ରୀ ଡ଼. ମନ ମୋହନ ସିଂ ଙ୍କ ସ୍ୱର୍ଗତ ଆତ୍ମାର ସଦ ଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା ।ଶେଷରେ କୁଚିଣ୍ଡା କଲେଜ ଅଧକ୍ଷ ସୁଚିତ୍ରା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଫେଲ ମାରିଲା ଅଟଳ ଜ୍ୟୋତି ଯୋଜନା

କଲ୍ୟାଣସିଂହପୁର,୪/୧ (ନି.ପ୍ର):ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦରର ପଞ୍ଚାୟତରେ ଅଟଳ ଜ୍ୟୋତି ଯୋଜନା ଫେଲମାରିଥିବା ଅଭିଯୋଗ ହୋଇଛି । ଆଦର୍ଶ ପାଣ୍ଠି ଓ ମାନ୍ୟବର ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ସୌଜନ୍ୟ ରେ ୨୦୧୯ -୨୦ବର୍ଷରେ ଅଟଳ ଜ୍ୟୋତି ଯୋଜନା ଅଜୟ -୨ ରେ ଆଦର୍ଶ ଗ୍ରାମ ଓ ଏକ ନମ୍ବର ୱାର୍ଡ ବଡଦ୍ୱାର ସାହିରେ ଲଗାଯାଇଥିବା ସୌରଚଳିତ ଲାଇଟ ଗୁଡିକ କିଛି ବର୍ଷ କାର୍ଯ୍ୟ କରିବା ପରେ ତାହା ଆଉ ଲାଗୁନଥିବା ଆଦର୍ଶଗ୍ରାମର କମିଟି ଅଭିଯୋଗ କରିଛନ୍ତି ।ସନ୍ଧ୍ୟା ହେଲେ ପିଲାମାନେ ପଦାକୁ ବାହାରିବା ପାଇଁ ଭୟ କରୁଛନ୍ତି ।ରାସ୍ତାରେ ଗାଈଗୋରୁ କୁକୁର ଶୋଇରହିଥାଆନ୍ତି ।ଅନ୍ଧାର ହୋଇଥିବା ଯୋଗୁଁ ପିଲା ମାନେ ଟିୟୁସନ ରୁ ଆସିବା ବେଳେ ଝୁଣ୍ଟି ହୋଇ ଖଣ୍ଡିଆ ଖାବରା ହୋଇଥିବା ଅଭିଯୋଗ ହୋଇଛି । ଉକ୍ତ ସୌରଚାଳିତ ରେ ଏକ ସୂଚନାଫଳକ ଲଗାଯାଇଛି ।ସେଥିରେ ଅନୁସନ୍ଧାନ ଏବଂ ଅଭିଯୋଗ ପାଇଁ ଯୋଗାଯୋଗ କର ବୋଲି ଉଲ୍ଲେଖ କରିଛନ୍ତି କିନ୍ତୁ ଫୋନ ନମ୍ବର ଦେଇନାହାନ୍ତି ।ଟୋଲଫ୍ରି ନମ୍ବର ୧୮୦୦୨୨୨୩୨୧ ରହିଛି ।ଅନ୍ୟ ପାର୍ଶ୍ୱରେ ଜିଲାସ୍ତରୀୟ ସେବା କେନ୍ଦ୍ର ଠିକଣା ବୋଲି ଉଲ୍ଲେଖ କରିଛନ୍ତି କିନ୍ତୁ ଠିକଣା ନାହିଁ ।ତେଣୁ ଏହାର ମରାମତି ନିମନ୍ତେ କହାରୀକୁ ଯୋଗାଯୋଗ କରିହେଉନାହିଁ ବୋଲି କହିଛନ୍ତି ।ଏହାକୁ ନେଇ ଆଦର୍ଶ ଗ୍ରାମର କମିଟି ସଦସ୍ୟ ମାନେ ବ୍ଲକ ଯାଇ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସହାୟତା ମିଳି ପାରିନି ବୋଲି କହିଛନ୍ତି ।ବ୍ଲକ ଓ ପଞ୍ଚାୟତ ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେଇ ସୌରଚାଳିତ ଲାଇଟ ଗୁଡିକ ମରାମତି କରିବା ପାଇଁ ଦାବି



କରିଛନ୍ତି ।ସେହି ପରି କଲ୍ୟାଣସିଂହପୁର ଓ ଧାମୁଣିପଙ୍ଗା ପଞ୍ଚାୟତର କତାଗୁଡା ସଦରରେ ଲଗାଯାଇଥିବା ସୌରଚଳିତ ଲାଇଟ ମଧ ଲାଗୁନଥିବା ଦେଖିବାକୁ ମିଳିଛି ।

## ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ତାଳଚେର ଆଗମନ କାର୍ଯ୍ୟକ୍ରମ ସ୍ଥଗିତ

ତାଳଚେର, ୪/୧ (ନି.ପ୍ର): ଜଗତଗୁରୁ ଶଙ୍କରାଚାର୍ଯ୍ୟ ପୂଜ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଙ୍କର ଜାନୁଆରୀ ୦୧ ତାରିଖରେ ତାଳଚେର ଆଗମନ କାର୍ଯ୍ୟକ୍ରମ ସ୍ଥଗିତ ହୋଇଛି ।ଦେଉଳବେଡା ଡିସିଆଇ କ୍ଲବ ଠାରେ ଶ୍ରୀ ଶଙ୍କରାଚାର୍ଯ୍ୟ ସ୍ୱାଗତ ସମିତି ତାଳଚେର ପକ୍ଷରୁ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ସମିତି ର ଅଧକ୍ଷ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଙ୍କ ଉପସ୍ଥିତିରେ ଆଦିତ୍ୟ ବାହିନୀ ର ରାଜ୍ୟ ଅଧକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଏହା ପ୍ରକାଶ କରିଛନ୍ତି ।ଅର୍ନ୍ଦ୍ୱାର୍ଯ୍ୟ କାରଣ ତଥା ସ୍ୱାମୀ ଜି ଙ୍କର ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ହଟାତ ଅସୁସ୍ଥ ହୋଇ ରାୟପୁର ରେ ଚିକିତ୍ସା ଧୀନ ଏମସ ଡାକ୍ତର ଙ୍କର ପରାମର୍ଶକ୍ରମେ ଗମନା ଗମନ ଉପରେ ରୋକ ଲଗାଇବା ଯୋଗୁଁ ତାଳଚେର ଆସିବା କାର୍ଯ୍ୟକ୍ରମ ସ୍ଥଗିତ ରହିଲା ବୋଲି ଶ୍ରୀ ମିଶ୍ର କହିଛନ୍ତି ।ପରବର୍ତ୍ତୀ ସମୟରେ ଜଗତ ଗୁରୁ ଶଙ୍କରାଚାର୍ଯ୍ୟ ମହାଭାଗ ଉକ୍ତ କାର୍ଯ୍ୟକ୍ରମ ରେ ତାଳଚେର ଆସି ହିନ୍ଦୁରାଷ୍ଟ୍ର ମହାଧିବେଶନ ରେ ଯୋଗଦେବେ ଏବଂ ଆମ୍ଭେ ଆପଣ ମାନଙ୍କୁ ଯଥେଷ୍ଟ ସମୟ ପୂର୍ବରୁ ସୂଚନା ପ୍ରଦାନ କରିବୁ ବୋଲି ସେ କହିଥିଲେ ।ଆଦିତ୍ୟ ବାହିନୀ, ସ୍ୱାଗତ ସମିତି ତଥା ସମଗ୍ର ତାଳଚେର ବାସୀ, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ବାସୀ ଙ୍କର ମିଳିତ ପ୍ରୟାସ ରେ ହେବାକୁ ଥିବା ହିନ୍ଦୁରାଷ୍ଟ ମହାଧିବେଶନ କାର୍ଯ୍ୟକ୍ରମ କୁ ଆଗାମୀ କିଛିଦିନ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ସେ କହିଥିଲେ ।ସ୍ୱାଗତ ସମିତି ର ସଂଯୋଜକ ପର୍ଶୁରାମ ବାରିକ ଙ୍କର ସଂଯୋଜନା ରେ ଅନୁଷ୍ଠିତ ଉକ୍ତ ସାମ୍ବାଦିକ ସମ୍ମିଳନୀ ରେ ପୀଠ ପରିଷଦ ର ଉପାଧକ୍ଷ ପଣ୍ଡିତ ରୋହିତ ଦାସ, ଅନୁଗୁଳ ଜିଲ୍ଲା କ୍ଷେତ୍ରୀୟ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ସଂଗଠନ ସଚିବ ତଥା ସ୍ୱାଗତ ସମିତି ଉପାଧ୍ୟକ୍ଷ ବରୁଣ କୁମାର ସାହୁ, ସମ୍ପର୍କ ସଚିବ ସୌରୀ ରଞ୍ଜନ ପଣ୍ଡା, ସ୍ୱାଗତ ସମିତି ସମ୍ପାଦକ ତଥା ଆଦିତ୍ୟ ବାହିନୀ ତାଳଚେର ର ସଭାପତି ବୃନ୍ଦାବନ ବେହେରା, ପ୍ରମୁଖ ସାମ୍ବାଦିକ ସମ୍ମିଳନୀ ରେ ଉପସ୍ଥିତ ଥିଲେ ।ସ୍ୱାଗତ ସମିତି ର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ପୂର୍ବତନ ପ୍ରଧାନମନ୍ତ୍ରୀ ବିୟୋଗରେ ଶୋକସଭା



କଲ୍ୟାଣସିଂହପୁର,୪/୧ (ନି.ପ୍ର):ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଥିବା କଂଗ୍ରେସ ଦଳ ପକ୍ଷରୁ କଂଗ୍ରେସ କାର୍ଯ୍ୟାଳୟ ଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଛି । କଂଗ୍ରେସ ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ଠାରୁ କଂଗ୍ରେସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନିରବ ଶୋଭାଯାତ୍ରା କରିଥିଲେ । ମୃତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଶ୍ରୁତିଚାରଣ କରିଥିଲେ । ଏବଂ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ ।ଏଥିରେ ସାଂସଦ ପ୍ରତିନିଧି କୁମାରସ୍ୱାମୀ କୌଶଲ୍ୟା,ବ୍ଲକ ସଭାପତି ସିହେଚ ନାଗେଶ୍ୱର ରାଓ,ବରିଷ୍ଠ ନେତା ଗୁଡୁଲ୍ଲା ପ୍ରସାଦ ରାଓ,ବିଧାୟକ ପ୍ରତିନିଧି ପ୍ରଶାନ୍ତ ନନ୍ଦ କୌଶଲ୍ୟା ,ଏସ ସି ସେଲର ଚିତ୍ତରଞ୍ଜନ ଗାଣ୍ଟା ସମେତ ବ୍ଲକ କଂଗ୍ରେସ ଦଳୀୟ କର୍ମୀ ନେତା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ମତୋରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଚାନ୍ଦବାଲି, ୪/୧ (ନି.ପ୍ର): ନଳଗୋହିରା ଶିକ୍ଷା ବିକାଶ ମଞ୍ଚ ଓ ନେହେରୁ ଯୁବକେନ୍ଦ୍ର, ଭଦ୍ରକର ମିଳିତ ଆନୁକୂଲ୍ୟରେ ଦୁଇ ଦିବସୀୟ ବ୍ଲକ ସ୍ତରୀୟ କ୍ରୀଡ଼ା ଉତ୍ସବ ରାମେଶ୍ୱର ପଡିଆ, ମତୋ ଠାରେ ଅନୁଷ୍ଠିତ ହୋଇଯାଇଛି । ମତୋ ଡିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ପ୍ରକାଶ ମଲ୍ଲିକ, ନାଳିଫିଂତା କାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧରେ ସୁକାନ୍ତ ଚରଣ ଜେନା,ଶ୍ରୀକାନ୍ତ ନାୟକ, ଶଶୀଭୂଷଣ ମଲ୍ଲିକ, ରଘୁନାଥ ସାହୁ, ମଦଳସା ମଲ୍ଲିକ, ରମାକାନ୍ତ ଦାଶ ଅତିଥି ଭାବେ ଅଂଶ ଗ୍ରହଣ କରିଥିଲେ । ୧୦୦ ମିଟର ଦୌଡ଼, ସ୍ଲୋ ସାଇକେଲ, କବାଡି, ଫୁଟବଲ, ବ୍ୟାଡମିଣ୍ଟନ ଆଦି କ୍ରୀଡ଼ାରେ କ୍ରୀଡ଼ାବିତ ମାନେ ଅଂଶ ଗ୍ରହଣ କରିଥିଲେ । ମତୋ କଲେଜର କ୍ରୀଡ଼ା ଅଧ୍ୟାପକ ଶିବ ପ୍ରସାଦ ମଲ୍ଲିକ ଓ ଚାନ୍ଦବାଲିର କଲେଜର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଯଦୁବୀର ପ୍ରତାପ ରାଓ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡ଼ା ପରିଚାଳିତ ହୋଇଥିଲା । ଉକ୍ତ କ୍ରୀଡ଼ାରେ ବିଜୟୀ ମାନଙ୍କୁ ଜିଲ୍ଲା ସ୍ତରୀୟ ମନୋନୀତ ହୋଇଥିଲେ । ଶେଷରେ ପୁରସ୍କାର ବିତରଣୀ ଉତ୍ସବ ମୁଖ୍ୟ ଅତିଥି ଭାବେ ମତୋ ଡିଗ୍ରୀ ମହାବିଦ୍ୟାଳୟ ଉପାଅଧକ୍ଷା ନିରୂପମା ସୁତାର, ଅଧ୍ୟାପକ ପିତାମ୍ବର ମଲ୍ଲିକ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ । ଶେଷରେ ଶିକ୍ଷା ବିକାଶ ମଞ୍ଚର ଅମରେଶ ପରିଡା କ୍ରୀଡ଼ାର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଦୀପକ ନାଥ, ମୋନାଲିଶା ମଲ୍ଲିକ, ସୌରଭ ରାଉଳ,ସୁଦର୍ଶନ ବାରିକ, ପ୍ରକାଶ ବେହେରା, ଅଜୟ ବେହେରା ଆଦି କ୍ରୀଡ଼ା ପରିଚାଳନା କରିଥିଲେ ।

## ଚାନ୍ଦବାଲିରେ ସ୍ୱାସ୍ଥ୍ୟ ସେବା ଓ ରକ୍ତଦାନ ଶିବିର



ଚାନ୍ଦବାଲି,୪/୧ (ନି.ପ୍ର): ଚାନ୍ଦବାଲି ଏନ ଏ,ସି ଅନ୍ତର୍ଗତ ବିନ୍ତରା ବି,କେ,ଜିପି ଉଚ୍ଚ ବିଦ୍ୟାଳୟ ପରିସରରେ ସତ୍ୟସାଇ ସଂଗଠନ ପକ୍ଷରୁ ହୃଦରୋଗ ଜନିତ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ସେବା ଶିବିର ସହ ପ୍ରେମ ସଂଜୀବନୀ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ସତ୍ୟସାଇ ସେବା ସଂଗଠନ ର ଭଦ୍ରକ ୨ ଜିଲ୍ଲା ସଭାପତି ବୃନ୍ଦାବନ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ । ହୃଦ୍ ଘାତ ଜନିତ ରୋଗର ପ୍ରାଥମିକ ଚିକିତ୍ସା ସହ ପୂର୍ବରୁ ବାଙ୍ଗାଲୋରରେ ଅସ୍ତ୍ରପ୍ରଚାର ହୋଇଥିବା ରୋଗୀଙ୍କର ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଚିକିତ୍ସା କରା ଯାଇଥିଲା । ସେହିପରି ସଂଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ମଧ ଆୟୋଜନ କରାଯାଇଥିଲା, ଏହି ଶିବିରରେ ମୋଟ ୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଚାନ୍ଦବାଲି ସତ୍ୟସାଇ ସେବା ସଂଗଠନ ପରିଚାଳନା କରିଥିବା ବେଳେ ସମସ୍ତ ସାଇ ସେବା ସଂଗଠନ ଭାଇ ଭଉଣୀ ମାନେ ଯୋଗଦେଇଥିଲେ ।

## ହାଟପଦା-ନବରଙ୍ଗପୁର ସଂଯୋଗ ବାଇପାସ ରାସ୍ତାକୁ ନେଇ ବଢୁଛି ଅସନ୍ତୋଷ

## ଜବରଦଖଲକାରୀଙ୍କ କବଜାରେ ସରକାରୀ ରାସ୍ତା

ବୋରିଗୁମ୍ମା:୪/୧ (ନି.ପ୍ର):ବୋରିଗୁମ୍ମା ପୂର୍ତ୍ତ ବିଭାଗ ଅଧୀନରେ ଥିବା ହାଟପଦା ଠାରୁ ନବରଙ୍ଗପୁର ରାସ୍ତାକୁ ସଂଯୋଗ କରୁଥ?ବା ବାଇପାସ ରାସ୍ତାଟି ଦୀର୍ଘ ଦିନରୁ ଅବହେଳିତ ହୋଇ ପଡି ରହିଥିବା ବେଳେ ଏହାର ରୋକ୍ଷଣା ବେକ୍ଷଣା ଦାୟିତ୍ୱ ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିଜ ବିଭାଗ ହାତକୁ ନେଇ ଫେବରବ୍ଲକ ଦ୍ୱାରା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଗତ ଫେବୃଆରୀ ମାସରେ ଶେଷ କରିଥିଲା ।ଏହି ବାଇପାସ ରାସ୍ତା ନିର୍ମାଣ ଦିଗରେ ମଧ ବିଧାୟକ ତାରା ପ୍ରସାଦ ବାହିନୀପତି ଆନ୍ତରିକତାର ସହ ହୃଦୟଙ୍ଗମ କରି ରାସ୍ତା ନିର୍ମାଣ କରିବାପାଇଁ ନିର୍ଦ୍ଦେଶ ଦେଇଥ?ଲେ । ଏହି ରାସ୍ତାଟି ନିର୍ମାଣ ହେଲେ ବୋରିଗୁମ୍ମା ମୁଖ୍ୟରାସ୍ତା ରୁ ସାପ୍ତାହିକ ହାଟପଦା ରାସ୍ତାର ଟ୍ରାଫିକ ସମସ୍ୟା ବୋହୁଗୁଣରେ ହ୍ରାସ ହୋଇଯିବ । ଏଥ?ପାଇଁ ଅଞ୍ଚଳବାସୀ ବିଧାୟକ ଶ୍ରୀବାହିନୀପତିଙ୍କୁ ଧନ୍ୟବାଦ ଜଣାଇଥିଲେ । ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଲାପରେ ରାସ୍ତାର ସମ୍ମୁଖରେ କିଛି ବ୍ୟକ୍ତି ଉକ୍ତ ରାସ୍ତାକୁ ବନ୍ଦକରି ରାସ୍ତାଟିକୁ ନିଜଅକ୍ତିଆରେ ରଖିଥିବା କାରଣରୁ ଜନସାଧାରଣଙ୍କ ମଧରେ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି । ଟ୍ରାଫିକ ସମସ୍ୟାର ହ୍ରାସପାଇଁ ଏହି ରାସ୍ତାକୁ ନେଇ ବୋରିଗୁମ୍ମା ବ୍ଲକର ଶେଷ ପଞ୍ଚାୟତ ସମିତି ମିଟିଙ୍ଗରେ ଆଲଚନା କରାଯାଇଥିବା ବେଳେ ତହସିଲ ପକ୍ଷରୁ ରାସ୍ତାଟିକୁ ୪୫ଦିନ ମଧରେ କାର୍ଯ୍ୟକ୍ଷମ କରିବାକୁ ସୂଚନା ଦେଇଥିଲେ ।କିନ୍ତୁ ଆଜିପର୍ଯ୍ୟନ୍ତ ଏଦିଗରେ କୌଣସି ପଦେକ୍ଷେପ ନେଇନଥିବା ଜଣାପଡିଛି । ସୂଚନାଥାଉକି ବୋରିଗୁମ୍ମାର ହାଟପଦା ଠାରୁ ନବରଙ୍ଗପୁର ରାସ୍ତାକୁ ସଂଯୋଗ କରୁଥିବା ସଂଯୋଗ ରାସ୍ତା ସମ୍ମୁଖରେ ଦୀର୍ଘବର୍ଷ ଧରି ରହିଆସୁଥ?ବା ଏକ ପରିବାର କୁ ଜବରଦଖଲ ଉଚ୍ଛେଦ କରାଯାଇ ହଟାଯାଇଥିଲା ।ପରେ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଥିଲା । ଉକ୍ତ ରାସ୍ତା ନିର୍ମାଣ କରାଯାଇ ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ପାଇଁ ସହରର ଜନସାଧାରଣ ପକ୍ଷରୁ ମଧ ବହୁବାର ଜିଲ୍ଲାପାଳ ଓ ଏସ୍?ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଗତ ଫେବୃଆରୀ ମାସରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇ ପଡ଼ିରହିଛି ।ଯଦି ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରାଗଲେ ବହୁମାତ୍ରାରେ ସହରର ଟ୍ରାଫିକ ସମସ୍ୟା ହ୍ରାସ ହୋଇପାରନ୍ତା । ବୋରିଗୁମ୍ମା ତହସିଲ ପକ୍ଷରୁ ଏହି ଘଟଣାର ତୁରନ୍ତ ସମାଧାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧି, ବୁଦ୍ଧିଜିବୀ ଓ ବୋରିଗୁମ୍ମା ଜନସାଧାରଣ ମାନେ ଦୃଢ଼ ଦାବି ଜଣାଇଛନ୍ତି ।



## ପୂର୍ବତନ ପ୍ରଧାନମନ୍ତ୍ରୀ ଡ: ମନମୋହନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି



ବସ୍ତା, ୪/୧ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଆଙ୍କୋ ପଞ୍ଚାୟତ କାର୍ଯ୍ୟାଳୟରେ କଂଗ୍ରେସ ପକ୍ଷରୁ ଆୟୋଜିତ ପୁର୍ବତନ ପ୍ରଧାନମନ୍ତ୍ରୀ ଡ:ମନମୋହନ ସିଂଙ୍କୁ ଦଳମତ ନିର୍ବିଶେଷରେ ସମାଜସେବୀ,ମହିଳାଙ୍କ ସମେତ ବିଭିନ୍ନ ପଞ୍ଚାୟତ ବୁଦ୍ଧିଜୀବୀ ପକ୍ଷରୁ ଭାବପୁର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଶ୍ରଦ୍ଧାଞ୍ଜଳି ସଭାର ଆବାହକ ତଥା ସଦର ବ୍ଲକ କଂଗ୍ରେସ ସଭା ପତି ଜୟକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଦର ବ୍ଲକ ଆଙ୍କୋ ଗ୍ରାମ ପଞ୍ଚାୟତର ସଭାପତି ଲମ୍ବୋଦର ଜେନା, ସରପଞ୍ଚ ଯୋସନା ରାଣୀ ବେହେରା, ସମିତିସଭ୍ୟ ସିଗନ ହାଁସଦା,ନାଏବ ସରପଞ୍ଚ ଦୀନବନ୍ଧୁ ଦାସ,ଜିପିଏଲ ଏଫ ସଭାପତି ସଂଯୁକ୍ତା ପଣ୍ଡା, ଜିପିଏଲଏଫ ସମ୍ପାଦିକା ଉର୍ମିଳା ଗିରି,ଏମବିକେ କୁଞ୍ଜ ଲତା ବେହେରା,କସିପଦା ପଞ୍ଚାୟତର ସଭାପତି ଶରତ ଚନ୍ଦ୍ର ରାଉଳ,ୱାର୍ଡ ସଭ୍ୟ ଗିରିଶ କୁମାର ବେହେରା, ବରିଷ୍ଠ ନେତା ଅମୂଲ୍ୟ କୁମାର ବେହେରା ଓ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱର୍ଗତପ୍ରଧାନମନ୍ତ୍ରୀ ଡ: ମନମୋହନ ସିଂଙ୍କ ସ୍ମୃତି ଉଚ୍ଚାରଣ କରିବା ସହିତ ଭାରତ ବିକାଶରେ ତାଙ୍କ ତ୍ୟାଗ ଓ ଅବଦାନକୁ ମନେ ପକାଇଥିଲେ । ଅନ୍ୟମାନଙ୍କ ମଧରେ କସିପଦା ପଞ୍ଚାୟତର ଯୁବନେତା ମନୋ ରଞ୍ଜନ ନାୟକ,ଜଳଧର ବେହେରା, ଉମେଶ ବେହେରା, ଜଗଦୀଶ ଜେନା, ପ୍ରତାପ ବେହେରା, ବିକ୍ରମ ଜେନା, ବିକର୍ତ୍ତନ ହାତୀ, ଚନ୍ଦନ କୁମାର ଦାସ, ରାଜେଶ କୁମାର ଲେଙ୍କା,ଶଶି କାନ୍ତ ମହାପାତ୍ର,ଶ୍ରୀକାନ୍ତ ମହାଳିକ,ତପନ ପାତ୍ର ଓ ଆଙ୍କୋ ପଞ୍ଚାୟତର ସମସ୍ତ ସିଆରପି ମହିଳା, ମିଶନଶକ୍ତି ମହିଳା ପ୍ରମୁଖ ଉପସ୍ଥିତ ରହି ଶୋକପ୍ରକାଶ କରିଥିଲେ ଶେଷରେ ରୂପସା ସାମିଲ ହାସିନପୁର ପଞ୍ଚାୟତର ଯୁବନେତା ଉତ୍ତମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ତୁରୁମୁଙ୍ଗାକୁ ନୂତନ ବ୍ଲକ ଦାବି ଯୋର ଧରିଲା

ପାଟଣା ୪/୧(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଠାରେ ନୂତନ ବ୍ଲକ ନିର୍ମାଣ ପାଇଁ ଦାବି ଜୋର ଧରିଛି। ମଙ୍ଗଳବାର ତୁରୁମୁଙ୍ଗା ସ୍ଥିତ ଦଧିବାମନ ହାଇସ୍କୁଲ ପଡିଆ ଠାରେ ଅବସର ପ୍ରାପ୍ତ ଶିକ୍ଷକ ଭିକାରୀ ସାହୁଙ୍କ ଅଧକ୍ଷତାରେ ସ୍ଥାନୀୟ ବାସିନ୍ଦା ଓ ବରିଷ୍ଠ ବୁଦ୍ଧିଜୀବିଙ୍କୁ ନେଇ ତୁରୁମୁଙ୍ଗାରେ ନୂତନ ବ୍ଲକ ସ୍ଥାପନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ତୁରୁମୁଙ୍ଗା ଠାରେ ନୂତନ ବ୍ଲକ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ଏନେଇ ଆଲୋଚନା ହେବା ସହ ଅଗାମୀ ଦିନରେ ଏଠାରେ ବ୍ଲକ ହେଲେ ଅଞ୍ଚଳରେ ଲୋକେ ଉପକୃତ ହେବା ସହ ମୌଳିକ ସୁବିଧା ପାଇ ପାରିବେ ବୋଲି ଆଲୋଚନା ହୋଇଥିଲା। ସୂଚନା ଯୋଗ୍ୟ ଯେ ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ପାଟଣା ରେ ୧୯୬୦ ମସିହା ରେ ବ୍ଲକ ସ୍ଥାପନ ହୋଇଥିଲା, ୪୧ହଜାର ୬୩୯.୬ ହେକ୍ଟର ପରିମିତ ତଥା ୨୦ ଟି ଗ୍ରାମପଞ୍ଚାୟତ ର ଏବଂ ୧୫୪ ଟି ରାଜସ୍ୱ ଗ୍ରାମକୁ ନେଇ ଏହି ବ୍ଲକ ଗଠିତ ହୋଇଥିଲା । ତେବେ ପାଟଣା ପଞ୍ଚାୟତ ସମିତି ଠାରୁ ତୁରୁମୁଙ୍ଗା, ବୁଢୀକାପୁଡି ,ଚେମେଣା ,ବାଉଁଶୁଳି ଖିରେଇ ଟାଙ୍ଗିରୀ ଆଦି ପଞ୍ଚାୟତ ପ୍ରାୟ ୩୦ କିମିରୁ ଅଧିକ ଦୂରତା ହୋଇଥିବାରୁ ପଞ୍ଚାୟତ ସମିତିର ବହୁ ଜରୁରୀ କାର୍ଯ୍ୟ ନିମନ୍ତେ ବାରମ୍ବାର ଯିବାକୁ ଉକ୍ତ ପଞ୍ଚାୟତବାସୀଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ । ତୁରୁମୁଙ୍ଗା ଗ୍ରାମପଞ୍ଚାୟତ ପାଟଣା ପଞ୍ଚାୟତ ସମିତିର ୪୯ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ଅଟେ । ଏଠାରୁ ଜିଲ୍ଲା, ରାଜ୍ୟ ଏବଂ ଦେଶର କୌଣସି ସ୍ଥାନକୁ ଗମନାଗମନର ସୁବିଧା ରହିଥିବାରୁ ଆଖପାଖ ଅନେକ ଗ୍ରାମପଞ୍ଚାୟତ ସମେତ ପଡୋଶୀ ସାହାରପଡା,ଚମ୍ପୁଆ, ଝୁମ୍ପୁରା ଏବଂ ମୟୁରଭଞ୍ଜ ଜିଲ୍ଲାର ଜନସାଧାରଣ ତୁରୁମୁଙ୍ଗା ଉପରେ ନିର୍ଭର କରିଥାନ୍ତି।ତୁରୁମୁଙ୍ଗାରେ ନୂତନ ପଞ୍ଚାୟତ ସମିତି ଗଠନ ନିମନ୍ତେ ବୈଠକ ରେ ଅବସର ପ୍ରାପ୍ତ ଶିକ୍ଷକ କୈବଲ୍ୟ ଚରଣ ସାହୁ, ଅଶୋକ କୁମାର ସାହୁ,ଗୌତମ ସାହୁ, ପ୍ରଫୁଲ୍ଲ ବେହେରା, ଅର୍ଜୁନ ସାହୁ ,ଅରୁଣ ସାହୁ ବଳଭଦ୍ର ନାଏକ ଙ୍କ ସମେତ ବରିଷ୍ଠ ନାଗରିକ ପୁର୍ଣ୍ଣଚନ୍ଦ୍ର ନାଏକ,କୀର୍ତ୍ତନ ବିହାରୀ ସାହୁ ,ରତିକାନ୍ତ ସାହୁ, ମୋଚିରାମ ସାହୁ, ଦିଲ୍ଲୀପ କୁମାର ସାହୁ, ରାମଚନ୍ଦ୍ର ସାହୁ , ଭରତ ସାହୁ, ପ୍ରମୋଦ ସାହୁ ,ସବ୍ୟସାଚୀ ସାହୁ, ଅରୁଣ ସାହୁ, ଅଯୋଧ୍ୟା ପୃଷ୍ଟି, ମଣି ଭୂଷଣ ବାରିକ ,ରତି ରଞ୍ଜନ ପୃଷ୍ଟି, ଇନ୍ଦ୍ରଜିତ ସାହୁ,ତପନ ସାହୁ, ବଣିକ ସଙ୍ଘ ସଭାପତି ତାପସ ସାହୁ ଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ଲୋକେ ଉପସ୍ଥିତ ଥିଲେ। ଏନେଇ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ଙ୍କ ନିକଟରେ ତୁରୁମୁଙ୍ଗା ରେ ନୂତନ ବ୍ଲକ ଗଠନ ପାଇଁ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ଉକ୍ରଳ ଭାରତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ପାଟଣା ,୪/୧(ନି.ପ୍ର): ପାଟଣା ବ୍ଲକ ଟାଙ୍ଗରପଡା ପଞ୍ଚାୟତ ଝାଲିଆପଡା ଠାରେ ଉକ୍ରଳ ଭାରତୀ କ୍ଲବ ଦ୍ୱାରା ଆୟୋଜିତ ୪ର୍ଥ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି ।ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ହେମନ୍ତ କୁମାର ନାଏକ ଓ ସ୍ୱତନ୍ତ୍ର ଅତିଥି ଭାବେ ଅଖ ପଲେଇ ଯୋଗଦାନ କରିଥିଲେ ।ସମ୍ମାନୀତ ଅତିଥି ଭାବେ ଉପେନ୍ଦ୍ର କୁମାର ନାଏକ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନି ଖେଳ ଅଁଳାଡିହା କ୍ରିକେଟ ଟିମ ସହିତ ମୁକ୍ତାପୁର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଁଳାଡିହା ଟିମ କୁ ପରାଜିତ କରି ମୁକ୍ତାପୁର ଟିମ ଚମ୍ପିୟାନ ହୋଇଥିଲା। ପ୍ରଥମ ପୁରସ୍କାର ୧୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ୭ ହଜାର ଟଙ୍କା ନଗଦ ରାଶି ସହିତ ଟ୍ରଫି ଅତିଥି ମାନେ ପ୍ରଦାନ କରିଥିଲେ। କ୍ଲବର ସଭାପତି ପ୍ରଶାନ୍ତ କୁମାର ନାଏକ ଓ ସମ୍ପାଦକ ନିରଞ୍ଜନ ନାଏକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟ କ୍ଲବ ସଦସ୍ୟ ପଙ୍କଜ କୁମାର ନାଏକ,ସାଗର କୁମାର ନାଏକ,ଚିକୁ ନାଏକ,ସଞ୍ଜୟ କୁମାର ନାଏକ,ସୁନୀଲ କୁମାର ନାଏକ,ଲିପୁ ନାଏକ,ଗାଲୁ ନାଏକ ଙ୍କ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ନୁଆ ବାଇକ ପାଇଁ ଜୀବନ ଦେଇଦେଲା ନାବାଳକ ପୁଅ

ପାଟଣା ୪/୧(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଥାନା ଅଞ୍ଚଳ ଦାଶରଥିପୁର ଗ୍ରାମର ବନ୍ଧସାହିରେ ନବବର୍ଷରେ ଅଘଟଣ। ନୂଆ ବାଇକ କିଣିବା ପାଇଁ ମା ଙ୍କୁ ଟଙ୍କା ମାଗିଥିଲା ପୁଅ। ହେଲେ ବିଧବା ମା ଟଙ୍କା ଦେବାରେ ଅସମର୍ଥ ଥିବା ଯୋଗୁଁ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛି ନାବାଳକ ପୁଅ । ମୃତ ନାବାକକ ଜଣକ ଉକ୍ତ ଗ୍ରାମର ସ୍ୱର୍ଗତ ସନ୍ତୋଷ କୁମାର ମହାନ୍ତଙ୍କ ୧୭ ବର୍ଷର ପୁଅ ରଞ୍ଜନ ମହାନ୍ତ। ରଞ୍ଜନ ମା ଙ୍କୁ ନୂଆ ବାଇକ୍ କିଣିବା ପାଇଁ ଟଙ୍କା ପାଇଁ ଜିଦ ଧରି ଥିଲେ। ମା ଟଙ୍କା ଦେବାକୁ ଅସମର୍ଥ ହେବାରୁ ମଙ୍ଗଳବାର ବିଳମ୍ବିତ ରାତ୍ରି ରେ ଶୋଇବା ଘରର ରୁଅରେ ଗାମୁଛା ରେ ଫାଶି ଲଗାଇ ଆତ୍ମ ହତ୍ୟା କରିଥିଲା। ଖବର ପାଇ ତୁରୁମୁଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗତକାଲି ଅପରାହ୍ନରେ ଶବ ବ୍ୟବଛେଦ କରାଇ ମର ଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।ଏନେଇ ତୁରୁମୁଙ୍ଗା ଥାନାରେ ୧/୨୫ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏଏସଆଇ ଦେବେନ୍ଦ୍ର ମୁର୍ମୁ କହିଛନ୍ତି ।

## ବିଧାୟକଙ୍କ ନବବର୍ଷ ଶୁଭେଚ୍ଛା ବ୍ୟାନର ଚିରିଦେଲେ ଦୁର୍ବୃତ୍ତ



ପାଟଣା ୪/୧(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ନବବର୍ଷ ଶୁଭେଚ୍ଛା ବାର୍ତ୍ତା ବ୍ୟାନରକୁ କେହି ଦୁର୍ବୃତ୍ତ ମଙ୍ଗଳବାର ରାତି ଚିରି ଦେଇଛନ୍ତି। ଯାହାକୁ ନେଇ ଅସନ୍ତୋଷ ଦେଖା ଦେଇଛି। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କ ଶୁଭେଚ୍ଛା ବାର୍ତ୍ତା ବ୍ୟାନର ତୁରୁମୁଙ୍ଗା ପଞ୍ଚାୟତ ନିକଟ ଛକରେ ମଙ୍ଗଳବାର ସନ୍ଧ୍ୟା ରେ ଲଗାଯାଇଥିଲା। ହେଲେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଉକ୍ତ ବ୍ୟାନରକୁ ଚିରି ଦେଇଛି । ଏନେଇ ବିଧାୟକ ଶ୍ରୀ ନାଏକଙ୍କ ପ୍ରତିକ୍ରିୟା ମିଳି ପାରିନଥିବା ବେଳେ କେହି ମନ୍ଦ ଉଦ୍ଦେଶ୍ୟ ନେଇ ଏଭଳି କାର୍ଯ୍ୟ କରିଛି ବୋଲି ଆଲୋଚନା ହେଉଛି।

## ଜିଲ୍ଲା ପାର୍କରେ ନବବର୍ଷ ଭିଡ଼ ଜମିଲା



ପାଟଣା ୪/୧(ନି.ପ୍ର): ପୂର୍ବତନ ଜିଲ୍ଲାପାଳ ସୁଶୀଲ ଲୋହାନୀ ଙ୍କ ସମୟରେ କେନ୍ଦୁଝର ଜିଲ୍ଲା ପିପିଳିଆ ପଞ୍ଚାୟତ ଚିକିଣିଆ ମୌଜାରେ ୨୨୦ ନଂ ଜାତୀୟ ରାଜପଥ କଡ଼ରେ ନୈସ୍ୱର୍ଗୀକ ଶୋଭାରାଜି ପରିପୂର୍ଣ୍ଣ ସ୍ଥାନ ଭାବେ ଜିଲ୍ଲା ପାର୍କ ସ୍ଥାପନ କରାଯାଇଥିଲା ଏକ ବଡ଼ ଜଳ ଭଣ୍ଡାର । ଆକର୍ଷଣୀୟ ପୁଷ୍କରିଣୀ,ଔଷଧୀୟ ଗୁଳ୍ମଲତା ,ପୁଷ୍ପରାଜି ସହ ଆକର୍ଷଣୀୟ ଶିଳା ଭଣ୍ଡାର ଥିବା ଏହି ଜିଲ୍ଲା ପାର୍କ ରେ ଅତୀତ ରେ ମୃତ୍ତିକା ସଂରକ୍ଷଣ ବିଭାଗ ଦେଖା ରେଖା କରୁଥିବାରୁ ଏହା ଜିଲ୍ଲାର ମୁଖ୍ୟ ଆକର୍ଷଣ ହୋଇପାରିଥିଲା । ଏପରିକି ଏଠାରେ ଓଡ଼ିଆ ଶ୍ରୀ ଜଗନ୍ନାଥ ଧାରାବାହିକ ଠାରୁ କେତେକ ବଙ୍ଗଳା ଚଳଚିତ୍ରର ସୁଟିଂ ମଧ୍ୟ ଏଠାରେ ହୋଇଥିଲା । ପ୍ରତିବର୍ଷ ପର୍ଯ୍ୟଟନ ଋତୁରେ ବଣଭୋଜି ସାଙ୍ଗକୁ ରାଜନୈତିକ ସଭା ସମିତି ,ବନ୍ଧୁ ମିଳନ ପାଇଁ ସ୍ଥାନଟି ବେଶ ଭଲ ଥିବାରୁ ବର୍ଷା ଋତୁକୁ ବାଦ ଦେଲେ ଏଠାରେ ସର୍ବଦା ଚଳ ଚଞ୍ଚଳ ପରିବେଶ ରହୁଥିଲା। ମୃତ୍ତିକା ସଂରକ୍ଷଣ ବିଭାଗ ଏହାର ଦେଖାରେଖା ବନ୍ଦ କରିଦେବା ପରେ ଏହା ଶ୍ରୀହୀନ ହୋଇପଡିଛି। ପୂର୍ବତନ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ରେ ଏକ ଖଣି ସଂସ୍ଥା ଏଠାରେ ସଫା ସୁତୁରା କରିଥିଲେ ମଧ୍ୟ ଆଉ କୌଣସି ଉନ୍ନତିକର କାମ କଲାନାହିଁ ।ବାଧ୍ୟ ହୋଇ ପଞ୍ଚାୟତ ର ଯୁବଗୋଷ୍ଠୀ ବ୍ଲକ ଅନୁଦାନ ରେ ଏଠାରେ କିଛି ଉନ୍ନତିକର କାମ କରିବାପରେ ଏହାର ହୃତ ଗୌରବ ଫେରିବା ଆରମ୍ଭ କରିଛି ।ଗତକାଲି ନବବର୍ଷରେ ଏଠାରେ ୫୦ରୁ କିଛି ଅଧିକ ଦଳ ଜିଲ୍ଲା ପାର୍କ ବୁଲିବା ସହ ଏଠାରେ ବଣଭୋଜି କରିଛନ୍ତି। ଜିଲ୍ଲା ପ୍ରଶାସନ ଏହି ଜିଲ୍ଲା ପାର୍କର ହୃତ ଗୌରବ ଫେରାଇ ଆଣିବାକୁ ଜିଲ୍ଲା ଖଣିଜ ପାଣ୍ଠିରୁ ଅନୁଦାନ ଯୋଗାଇଦେଲେ ସ୍ଥାନ ଟିର ଗୁରୁତ୍ୱ ଆହୁରି ଅଧିକ ବୃଦ୍ଧି ପାଆନ୍ତା ବୋଲି କୁହାଯାଉଛି।

## ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର ବର୍ଷ ଶେଷ ବନ୍ଧୁ ମିଳନ

ମୟୂରଭଞ୍ଜ ୪/୧(ନି.ପ୍ର): ସାରସ୍ୱତ ଅନୁଷ୍ଠାନ ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର ବର୍ଷ ଶେଷ ବନ୍ଧୁମିଳନ, 'ସମୟର ନଦୀ ତୀରେ' ଶୀର୍ଷକ କବିତା ଆସର ଏବଂ ସଭା, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଖୁବ ଆନନ୍ଦ ଉଲ୍ଲାସରେ ଗଡିରାଉତ ପାଟଣା ଡିହସାହି ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଭପତି ଚୈତନ୍ୟ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି ବନ୍ଧୁମିଳନ ଉତ୍ସବକୁ ଖ୍ୟାତନାମା ଗୀତିକବି ବାବାଜୀ ଚରଣ ଜେନା ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଶ୍ରୀମତୀ ପ୍ରମିଳା ପତି, ସମ୍ମାନୀତ ଅତିଥି ଭାବରେ ଆଇନଜୀବୀ ତଥା ସାହିତ୍ୟିକ ପତିତପାବନ ମହାପାତ୍ର, ପୃଷ୍ଠଭୂମିର ସମ୍ପାଦକ କୈଳାଶ ଚନ୍ଦ୍ର ଜେନା, ଡ଼ଃ ପଣ୍ଡିତ ଚୈତନ୍ୟ କୁମାର ସାହୁ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକା, ଶିକ୍ଷାବିତ ଡ. ବୈଜୟନ୍ତୀ ମାଳା ଶତପଥୀ ଯୋଗଦେଇ 'ସମୟର ନଦୀ ତୀରେ' ଶୀର୍ଷକ ଆଲୋଚନା କରିବା ସହିତ ପୁରାତନ ବର୍ଷକୁ ବିଦାୟ ଦେଇ ନୂତନ ବର୍ଷ ୨୦୨୫ କୁ ଆହ୍ୱାନ କରିଥିଲେ। ଅତିଥି ମାନଙ୍କ କର କମଳରେ ଡ଼ଃ ଶତପଥୀଙ୍କ ସମ୍ପାଦନାରେ ଏକ ପତ୍ରିକା ଫର୍ଦ୍ଦ 'ଧୀ' ଉନ୍ମୋଚିତ ହୋଇଥିଲା। ସମସ୍ତ ଅତିଥି ଉପସ୍ଥିତ ସାହିତ୍ୟିକ ମାନଙ୍କୁ ନୂ ବର୍ଷର ଶୁଭେଚ୍ଛା ଜ୍ଞାପନ କରିବା ସହିତ ସାରା ବିଶ୍ୱର ମଙ୍ଗଳ କାମନା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସମ୍ପାଦିକା ଶ୍ରୀମତୀ ଗୀତାଞ୍ଜଳି ପୃଷ୍ଟି ଅତିଥି ପରିଚୟ ସହିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସମ୍ପର୍କ ସାହିତ୍ୟ ଓ ସଂସ୍କୃତି ସଂସଦ, ଜଗତପୁରର ସାଧାରଣ ସମ୍ପାଦକ, କବି ମନୋରଞ୍ଜନ ପଣ୍ଡା ଏବ ଯୁବ କବୟିତ୍ରୀ ପ୍ରଜ୍ଞା ପରମିତା ପ୍ରଧାନଙ୍କ ସଂଯୋଜନାରେ ୪୦ରୁ ଉର୍ଦ୍ଧ୍ୱ କବି, କବୟିତ୍ରୀ ପ୍ରଦତ୍ତ ଶୀର୍ଷକରେ ସ୍ୱରଚିତ କବିତା ପାଠ କରିଥିଲେ। ବହୁଗୁଣର ଅଧିକାରୀ ଯୁବ ପ୍ରତିଭା ସୁଶୀଲ କୁମାର ରାଉତ ଏବଂ ବରିଷ୍ଠ ଦମ୍ପତି ସୌରମୋହନ ଉଦ୍ଗାତା ଓ ଡକ୍ଟର ବୈଜୟନ୍ତୀ ମାଳା ଶତପଥୀଙ୍କୁ ଅନୁଷ୍ଠାନ ତରଫରୁ ସ୍ୱତନ୍ତ୍ର ଭାବରେ ସମ୍ମାନୀତ କରାଯାଇଥିଲା। କବି ଛବିରାମ ସେଠୀ ମଧ୍ୟ ବାଣଭୋଜୀ ଅବସରରେ ଉତ୍ସାହଜନକ ପ୍ରଦର୍ଶନ ପାଇଁ ପ୍ରମିଳା ପତି, ନିରୁପମା ମିଶ୍ର, କୈଳାଶ ଚନ୍ଦ୍ର ଜେନା, ଚୈତନ୍ୟ ରାଉତ ଏବଂ ସୁଶୀଲ ରାଉତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ କେକ୍ କାଟି ଆନନ୍ଦରେ ନାଚି ଗାଇ ସମସ୍ତ କବିବନ୍ଧୁ ଇଂରାଜୀ ନବବର୍ଷକୁ ସ୍ୱାଗତ କରିବା ସହିତ ପରସ୍ପରକୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଅନୁଷ୍ଠାନର ଉପସଭାପତି ଡକ୍ଟର ସନ୍ତୋଷ କୁମାର ପଣ୍ଡା ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ। ତେଜି ରାଉତ, ଦୀପିକା ପ୍ରଧାନ, ଅବିନାଶ ଜେନା, ଅଭିଜିତ ଜେନା ଶକ୍ତିସ୍ୱରୂପ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ଭୀମକୁଣ୍ଡ ପର୍ଯ୍ୟଟନ ସ୍ଥଳୀ ନିଲାମ ନେଲା ରାଧାରାଣୀ ଏସଏଚଜି



ପାଟଣା ୪/୧(ନି.ପ୍ର): କେନ୍ଦୁଝର ଜିଲ୍ଲା ପାର୍ଶ୍ୱ ଭୀମକୁଣ୍ଡ ପର୍ଯ୍ୟଟନ ସ୍ଥଳୀର ରକ୍ଷଣାବେକ୍ଷଣ, ପରିଚାଳନା ଓ ଶୁଳ୍କ ଆଦାୟ ପାଇଁ ଡୁମୁରିଆ ପଞ୍ଚାୟତ ଅନ୍ତର୍ଗତ ଘାଟବାଲିଯୋଡି ଗ୍ରାମର ରାଧାରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ୩ ବର୍ଷ ଅବଧି ପାଇଁ ନିଲାମ ନେଇଛି। ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ନିଲାମ ସଂକ୍ରାନ୍ତୀୟ ପ୍ରମାଣପତ୍ର ଏହି ଏସଏଚଜି କର୍ମକର୍ତ୍ତା ଙ୍କୁ ପ୍ରଦାନ କରିଛନ୍ତି। ନିଲାମୀରେ ଏହି ଏସ ଏଚ ଜି ସର୍ବାଧିକ ୨୩ ଲକ୍ଷ ଟଙ୍କା ରେ ନେଇଛି। ଚୁକ୍ତି ଅନୁଯାୟୀ ଜିଲ୍ଲା ଓ ବ୍ଲକ ସ୍ତରର ଅଧିକାରୀ, ଡୁମୁରିଆ ପଞ୍ଚାୟତ ର ପଞ୍ଚାୟତ ପ୍ରତିନିଧି,ସାଂସଦ, ବିଧାୟକ, ରାଜ୍ୟ ମନ୍ତ୍ରୀ, ବିଭିନ୍ନ ଉଚ୍ଚ ସ୍ତରୀୟ ସରକାରୀ ଅଧିକାରୀ, ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ପୁଲିସ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଠାରୁ ଶୁଳ୍କ ଆଦାୟ କରାଯିବ ନାହିଁ ବୋଲି ସୂଚନା ଦିଆଯାଇଛି। ସୁଚନା ଅନୁଯାଇ ଭୀମକୁଣ୍ଡ ପରିଭ୍ରମଣ ରେ ଆସୁଥିବା ପର୍ଯ୍ୟଟକ ୬ ବର୍ଷରୁ ଉର୍ଦ୍ଧ ଙ୍କ ପାଇଁ ସକାଳ ୬ ଟାରୁ ସନ୍ଧ୍ୟା ୬ଟା ଯାଏ ୧୦ ଟଙ୍କା, ଭୋଜି ପିଣ୍ଡି ପାଇଁ ୧୫୦ ଟଙ୍କା, ସାଇକେଲ ପାଇଁ ୧୦ ଟଙ୍କା, ବାଇକ ପାଇଁ ୨୦ ଟଙ୍କା, ତିନି ଚକିଆ ପାଇଁ ୩୦ ଟଙ୍କା,୪ଚକିଆ ଯାନ ପାଇଁ ୪୦ ଟଙ୍କା, ବସ ଯାନ ପାଇଁ ୧ଶହ ଟଙ୍କା, ଛୋଟ ଦୋକାନ ପାଇଁ ୨୦ ଟଙ୍କା, ବଡ ଦୋକାନ ପାଇଁ ୩୦ ଟଙ୍କା ଓ ଶୌଚାଳୟ ବ୍ୟବହାର ପାଇଁ ଜଣପିଛା ୫ ଟଙ୍କା ଲେଖାଏଁ ଶୁଳ୍କ ଆଦାୟ କରାଯିବା ପାଇଁ ସ୍ଥିର ହୋଇଥିବା ବିଡିଓ ମାସନ କୁମାର ଦଣ୍ଡପାଟ ଗଣମାଧମକୁ ସୂଚନା ଦେଇଛନ୍ତି।

## ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ



ବେଲଗୁଣ୍ଠା ୪/୧(ନି.ପ୍ର): ବେଲଗୁଣ୍ଠା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ନୂତନ ଇଁରାଜୀ ନବ ବର୍ଷକୁ ସ୍ୱାଗତ କରାଯିବା ସହିତ ବ୍ଲକ୍ ର ଦୁଇଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ଓ ଆଜି ବେଲଗୁଣ୍ଠା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ନେତୃତ୍ୱରେ ସଂଘର ସମସ୍ତ କର୍ମକର୍ତ୍ତା, ଉପଦେଷ୍ଟା ମଣ୍ଡଳୀ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀଙ୍କ ସମେତ ଗୋଷ୍ଠୀ ଶିକ୍ଷାକାରୀ କାର୍ଯ୍ୟାଳୟର କର୍ମଚାରୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ଏହାପରେ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଅଧକ୍ଷତାରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଅବସର ଗ୍ରହଣ କରିଥିବା ବ୍ଲକ୍ ଅନ୍ତର୍ଗତ କିରାପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରମେଶ ଚନ୍ଦ୍ର ପାତ୍ର ଏବଂ ଇଙ୍ଗିନାଠୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦେବରାଜ ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉଭୟ ଶିକ୍ଷକଙ୍କୁ ମାନପତ୍ର, ଉପଢ଼ୌକନ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତଇଫରୁ ଦୁଇ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ରୂପେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା ,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ ସହ କିରାଣୀ ଶରତଚନ୍ଦ୍ର ରଥ,ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ରାଉତ,ରମେଶ୍ ଚନ୍ଦ୍ର ପାତ୍ର,ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସେଠୀ, ମନୋଜ ପଟ୍ଟନାୟକ,ଉପସଭାପତି ଶଲ୍ୟ ସିଅ, କୋଷାଧ୍ୟକ୍ଷ ଶଙ୍କର ନାରାୟଣ ସେଠୀ,ଉପଦେଷ୍ଟା ସନିତ୍ ଜେନା, ବରିଷ୍ଠ ଶିକ୍ଷକ ଶଙ୍ଖନାଦ ସେନାପତି ପ୍ରମୁ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ସଂଘ କର୍ମକର୍ତ୍ତା ଟୁକୁନା ବେହେରା, କେଦାର ନାଥ ନାୟକ,କାଳୁ ଚରଣ ଗୌଡ଼, ଜିତେନ୍ଦ୍ର ସାହୁ,ଅନନ୍ତ ସେଠୀ, ସୁକାନ୍ତ ନାୟକ, ରଞ୍ଜିତ୍ ସାହୁ,ନରେଶ ବ୍ରହ୍ମା, ସୁଧୀର କାନ୍ତ ତ୍ରୀପାଠୀ, ପ୍ରମୋଦ ଚନ୍ଦ୍ର ପତି ଏବଂ ସମସ୍ତ କ୍ଲଷ୍ଟର ଇନ ଚାର୍ଜ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ସନିତ କୁମାର ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ।


## ଇଂରାଜୀ ନବବର୍ଷରେ ଚାରା ରୋପଣ

ଜଗତପୁର୪/୧(ନି.ପ୍ର): ଇଂରାଜୀ ନବବର୍ଷ ୨୦୨୫ ଉପଲକ୍ଷେ ଶ୍ରୀ ଶ୍ରୀ ତ୍ରିନାଥ ସେବା ସଂଗଠନ ପକ୍ଷରୁ ସଭାପତି ତୀର୍ଥାନନ୍ଦ ପଣ୍ଡାଙ୍କ ତତ୍ତ୍ୱାବଧାନାରେ ଜଗତପୁର ୪୮ ନମ୍ବର ୱାର୍ଡ ଅନ୍ତର୍ଗତ ଭୁବନପୁର ଗ୍ରାମର ନୂତନ ଉଦ୍ୟାନ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଗଠନର ସଦସ୍ୟ ତଥା ଅଂଚଳର ମୁରବୀମାନେ ଯୋଗଦେଇଥିଲେ । ଗଛ ଆମର ପରମ ବନ୍ଧୁ ଶୀର୍ଷକ ଆଲୋଚନା ଚକ୍ରରେ ବକ୍ତାମାନେ ଗଛର ଉପକାରିତା ସଂପର୍କରେ କହିବା ସହ ଗଛର ସୁରକ୍ଷା କିପରି ଜୀବନ ରକ୍ଷା କରେ ସେ ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ କରୁଣାକର ଦାସ, ପ୍ରକୃତିପ୍ରେମୀ ପରିବେଶବିତ୍ କାମପାଳ ଶତପଥି, ବୟୋଜ୍ୟେଷ୍ଠ ମୁରବୀ ନିର୍ମଳ ଚନ୍ଦ୍ର ପଣ୍ଡା, ୪୮ ନଂ ୱାର୍ଡ କର୍ପୋରେଟରଙ୍କ ପ୍ରତିନିଧି ନାଗେଶ୍ୱର ବେହେରା, ସଂଗଠନ ସଂପାଦକ ଦୟାନଧି ବିଶ୍ୱାଳ, ସଂଯୋଜକ ସୁବାଷ ମିଶ୍ର, କୋଷାଧ୍ୟକ୍ଷ ଯଶୋବନ୍ତ ପଣ୍ଡା, ଉପଦେଷ୍ଟା ଚିରଞ୍ଜୀବ ବେହେରା, ମାନସ ପରିଡା, ଚି□ରଂଜନ ପଣ୍ଡା, ରବିନାରାୟଣ ଦାସ, ଦିବାକର ବେହେରା, ବ୍ରଜକିଶୋର ବସ୍ତିଆ, ଲକ୍ଷ୍ମୀଧର ମହାରଣା, ଅମର ସାହୁ, ପ୍ରକାଶ ବେହେରା, କେ. ସୂର୍ଯ୍ୟ ନାରାୟଣ, ଅନନ୍ତ ବରାଳ, ଦେବାଶିଷ ଦାସ, ଯୋଗେନ୍ଦ୍ର ବାରିକ, ସପନ ଡାକୁଆ, ନଟବର ବେହେରା, କୃପାସିନ୍ଧୁ ନାୟକ, ଜଗବନ୍ଧୁ ସ୍ୱାଇଁ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିବା ସହ ଉଦ୍ୟାନଟିର ନାମ ତ୍ରିନାଥ ଶିଶୁ ଉଦ୍ୟାନ ରଖାଯିବାକୁ ସ୍ଥାନୀୟ କର୍ପୋରେଟରଙ୍କ ଜରୀଆରେ ସିଏମ୍‌ସିଙ୍କୁ ଅନୁରୋଧ କରାଯାଇଥିଲା । ଚାରାରୋପଣ କାର୍ଯ୍ୟକ୍ରମରେ ବଉଳ, ଅଶୋକ, ପଣସ, ଅଁଳା, ବେଲ ଚାରା ଇତ୍ୟାଦି ରୋପଣ କରାଯାଇଥିଲା ।

## କ୍ଷିତିଜ୍ୟୋତିଃ ଆଶ୍ରମ ତରଫରୁ ଜୁଆଙ୍ଗ ବସ୍ତିରେ କମ୍ବଳ ବଣ୍ଟନ


ପାଟଣା ୪/୧(ନି.ପ୍ର): ଚଳିତ ବର୍ଷ ଅଧିକ ଶୀତ ଅନୁଭୂତ ହେଉଥିବା ବେଳେ ଅସମୟର ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ପ୍ରବଳ ଥଣ୍ଡା ପଡୁଛି । ସହଜେ କେନ୍ଦୁଝର ପାହାଡିଆ ଅଂଚଳରେ ଶୀତର ମାତ୍ରା ବହୁତ ଅଧିକ। ଏହାକୁ ହୃଦୟଙ୍ଗମ କରି ଏହି ପରିପ୍ରେକ୍ଷୀରେ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ କେନ୍ଦ୍ର ତରଫରୁ ଘଟଗାଁ ବ୍ଲକର ପୁରୁମୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଦିମ ଅଧିବାସୀ ଜୁଆଙ୍ଗ ପ୍ରବଣ ଗୟଳମୁଣ୍ଡା ପଲ୍ଲୀର ଅସହାୟ ବୃଦ୍ଧ ବୃଦ୍ଧା ଓ ଶାରୀରିକ ଭିନ୍ନକ୍ଷମ ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା ମୁକୁନ୍ଦପୁର ପାଟଣା ଗ୍ରାମ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସାହୁ ଓ ଶିକ୍ଷାବିତ ପଦ୍ମନାଭ ନାୟକ, ଫଣୀ ଭୂଷଣ ଜୁଆଙ୍ଗ, ପ୍ରଭାତ ରଞ୍ଜନ ମହାନ୍ତ, କୁମାର ସମ୍ବିତ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଅଭାବି ଲୋକଙ୍କୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ କମ୍ବଳ ପ୍ରଦାନ କରିଥିଲେ। କ୍ଷିତିଜ୍ୟୋତିଃ ଆଶ୍ରମର କେନ୍ଦ୍ର ସଂଗଠକ ବାବାଜୀ ଚରମାନନ୍ଦ ଦାସ ଓ କେନ୍ଦ୍ର ପରିଚାଳକ ଅର୍ଜୁନ ଚରଣ ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଲକ୍ଷ୍ମୀଧର ଜୁଆଙ୍ଗ, କୈଳାଶ ଜୁଆଙ୍ଗ ଓ ଲକ୍ଷ୍ମୀଧର ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅଟଳସେନା ପକ୍ଷରୁ ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳୀ



ସାଲେପୁର ୪/୧(ନି.ପ୍ର): ଅଟଳସେନା ଓଡିଶା ତରଫରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅଟଳସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ପୌରୋହିତ୍ୟରେ ସାଲେପୁର ନିକଟସ୍ଥ ପିକୋଳ ଗ୍ରାମର ଜଗନ୍ନାଥ-ଗୋପୀନାଥ ଟ୍ରଷ୍ଟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସ୍ୱର୍ଗତ ସିଂହଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ଶ୍ରଦ୍ଧାଞ୍ଜଳୀ ସଭାରେ ଅଟଳସେନା ବୁଦ୍ଧିଜୀବୀ ସଂଘ ରାଜ୍ୟ ସଭାପତି ଡ. ଉମେଶ ଚନ୍ଦ୍ର ପତି,ଚିନ୍ତନ ପରିଷଦ ଉପସଭାପତି ଡ. ପ୍ରକାତ କିଶୋର ନାୟକ, ସାଧାରଣ ସଂପାଦକ ରବିନ୍ଦ୍ର କୁମାର ବେହେରା, ଉପଦେଷ୍ଟା ଡ. ମଞ୍ଜୁଶ୍ରୀ ପତି, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ବିଶ୍ୱାଳ, ଡ. ପୂର୍ଣ୍ଣଚନ୍ଦ୍ର ଓଝା, ସୁକାନ୍ତ କିଶୋର ମହାନ୍ତି, ମହେଶଚନ୍ଦ୍ର କର, ବିଜୟିନୀ ନାୟକ, ହରେକୃଷ୍ଣ ସାମଲ, ରାଜେଶ ସାମଲ, କୃଷ୍ଣଚନ୍ଦ୍ର ବାରିକ, କେଶବ ଚନ୍ଦ୍ର ସେଠୀ, ପ୍ରଣବ ମହାନ୍ତି, ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ସ୍ୱର୍ଗତ ସିଂହ ଭାରତୀ ଉଦାରୀକରଣ ଅର୍ଥ ନୀତିର ଜନକ ଭାବେ କାର୍ଯ୍ୟ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପରିଶେଷରେ ମାନସ କୁମାର ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦଘାଟିତ ହେଲା ବହୁ ପ୍ରତୀକ୍ଷିତ ଅଟେଇ ଜଙ୍ଗଲ ସଫାରୀ ,ୱାଚ ଟାୱାର ,ଭିୟୁ ପଏଣ୍ଟ, ବନ୍ୟଜନ୍ତୁ, ଦରଗଡଶିଳା ଡ୍ୟାମ ଦେଖିବେ ପର୍ଯ୍ୟଟକ



ପାଟଣା ୪/୧(ନି.ପ୍ର): ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। କେନ୍ଦୁଝର ଜିଲ୍ଲା ଘଟଗାଁରେ ଉଦଘାଟିତ ହୋଇଛି ଅଟେଇ ଜଙ୍ଗଲ ସଫାରି। କେନ୍ଦୁଝର ଜିଲ୍ଲା ବନବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ଅଟେଇ ଜଙ୍ଗଲ ସଫାରୀର ଅନୁଭୂତି ସାଉଁଟିବା ପାଇଁ ଏବଂ ସ୍ୱତନ୍ତ୍ର ସଫାରୀ ଗାଡ଼ିରେ ପର୍ଯ୍ୟଟକ ମାନଙ୍କୁ ବୁଲିବାର ବ୍ୟବସ୍ଥା କରିଛି ବନବିଭାଗ । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ , ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ସାଗରୀକା ସାହୁ, କେନ୍ଦୁଝର ଡିଏଫଓ ଏଚ ଡି ଧନରାଜ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏବେ ଅଟେଇ ଘଞ୍ଚ ଜଙ୍ଗଲରେ ସଫାରୀର ମଜା ନେଇ ପାରିବେ ଘଟଗାଁ ଆସୁଥିବା ପର୍ଯ୍ୟଟକ ମାନେ । କେନ୍ଦୁଝର ଜିଲ୍ଲାର ଘଟଗାଁ ମା' ତାରିଣୀଙ୍କ ମନ୍ଦିରକୁ ପ୍ରତେକ ଦିନ ଆସୁଥିବା ପର୍ଯ୍ୟଟକ ଏବେ ସଫାରୀ ଗାଡ଼ିରେ ବସି ବନ୍ୟଜନ୍ତୁ ଦେଖିବାର ମଜା ନେଇପାରିବେ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅଟେଇ ଜଙ୍ଗଲ ସଫାରୀ ଗାଡ଼ିରେ ପର୍ଯ୍ୟଟକ ମାନେ ଜଙ୍ଗଲ ଭିତରକୁ ସଫାରୀ କରିବା ପାଇଁ ବନ ବିଭାଗ ଦ୍ୱାରା ଏସି ଗାଡି ୨୫୦ଟଙ୍କା ଓ ନନ୍ ଏସି ଗାଡି ପାଇଁ ଜଣ ପ୍ରତି ୨୦୦ଟଙ୍କା ଦେୟ ରଖାଯାଇଛି। ପର୍ଯ୍ୟଟକ ମାନେ ଏହି ଅଟେଇ ଜଙ୍ଗଲ ସଫାରିରେ ହାତୀ, ଭାଲୁ , ହରିଣ, ବାରାହା,ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ ଦେଖିପାରିବାର ସୁଯୋଗ ପାଇବେ। ଏଥି ସହିତ ୱାଚ ଟାୱାର , ଭିୟୁପଏଣ୍ଟ , ଦରଗଡଶିଳା ଡ୍ୟାମ ବୁଲି ଦେଖିବା ସହ ଜଙ୍ଗଲ ଭ୍ରମଣର ମଜା ନେଇପାରିବେ ବୋଲି କୁହାଯାଉଛି ।

## ଗୀତିକାର ଅଜୟ ସେଠୀଙ୍କୁ ସମ୍ମାନିତ

କଣାସ ୪/୧(ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅଞ୍ଜିରା ଗ୍ରାମର ବହୁମୁଖୀ ପ୍ରତିଭାର ଅଧିକାରୀ ଗୀତିକାର ଅଜୟ କୁମାର ସେଠୀଙ୍କୁ ଶ୍ରୀ ଅନନ୍ତ ସେବା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ଶ୍ରୀ ସେଠୀ ଏକାଧାରରେ ଜଣେ କବି,ଲେଖକ,ନାଟ୍ୟକାର,ନାଟ୍ୟ ନିର୍ଦ୍ଦେଶକ,ଅଭିନେତା ଓ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ବେଶ୍ ପରିଚିତ ଲାଭ କରିଛନ୍ତି ।ସେ ୪୧୧ଟି ଗୀତ ଲେଖିଥିବା ବେଳେ ଜଣେ ସଫଳ ଗୀତିକାର ହୋଇଥିବାରୁ ଶ୍ରୀ ସେଠୀଙ୍କୁ ଅନନ୍ତ ସେବା ପରିଷଦ ପକ୍ଷରୁ ଅତିଥି ଭାବେ ଯୋଗଦେଇଥିବା ଶ୍ରୀ ଅଭିରାମ ସରସ୍ୱତୀ ଅନ୍ନପୂର୍ଣ୍ଣା ଦେବୀ ,ଡାକ୍ତର ରଙ୍ଗନାଥ ଦାସ,ଅଧ୍ୟାପକ ଜଗବନ୍ଧୁ ଦାସ,ଦିଲ୍ଲୀପ ଶ୍ରୀଚନ୍ଦନ ଓ ଏଲିନା ପାତ୍ର ପ୍ରମୁଖ ଅଙ୍ଗବସ୍ତ୍ର ,ମାନପତ୍ର ଓ ଫୁଲ ତୋଡା ଦେଇ ଶ୍ରୀ ସେଠୀଙ୍କୁ ସମ୍ମାନିତ କରିଥିଲେ ।ଶେଷରେ ଶ୍ରୀଧର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଟଣା ବ୍ଲକ ଛକରେ ଥିବା ଷ୍ଟ୍ରିଟ ଲାଇଟ ଖୁଣ୍ଟ ଅଜଣା ଗାଡି ଧକ୍କାରେ ଉପୁଡ଼ିଲା

ପାଟଣା ୪/୧(ନି.ପ୍ର): ଗତକାଲି ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ପାଟଣା ବଜାର ବ୍ଲକ ଛକରେ ଥିବା ଷ୍ଟ୍ରିଟ ଲାଇଟ ଖୁଣ୍ଟକୁ ଧକ୍କା ଦେବାରୁ ତାହା ଉପୁଡ଼ି ରାସ୍ତା ଉପରେ ଝୁଲିରହିଥିଲା। ଫଳରେ ଦିନ ୧୦ଟା ପର୍ଯ୍ୟନ୍ତ ଗାଡି ଚଳାଚଳ କରିବାରେ ଅସୁବିଧା ହୋଇଥିଲା। ଦିନ ୧୦ଟା ପରେ ବିଦ୍ୟୁତ ବିଭାଗ କର୍ମଚାରୀ ମାନେ ଆସି ଖୁଣ୍ଟକୁ ହଟାଇବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ଏଠାରେ ସୂଚନା ଥାଉକି ଗତବର୍ଷ ଏହି ସମୟରେ ମଧ୍ୟ ଏକ ଅଜଣା ଗାଡି ଧକ୍କାରେ ଖୁଣ୍ଟଟି ଖସି ପଡ଼ିଥିଲା। ଷ୍ଟ୍ରିଟ ଲାଇଟ ଖୁଣ୍ଟ ଉପୁଡ଼ି ଯିବା ଫଳରେ ବଜାର ମୁଖ୍ୟ ଛକ ଅନ୍ଧାର ହୋଇଯାଇଛି। ଅନ୍ଧାର ରହିବା ଫଳରେ ଚୋର ମାନଙ୍କ ଉତ୍ପାତ ବଢିବା ସମ୍ଭାବନା ରହିଛି। ଛକ ନିକଟରେ ଥିବା ଦୋକାନ ମାନଙ୍କରେ ଲାଗିଥିବା ସିସିଟିଭି ଫୁଟେଜ କୁ ଆଧାର କରି ପୁଲିସ ତଦନ୍ତ କରୁଛି। ଦୁର୍ଘଟଣା ଘଟାଇଥିବା ଗାଡିର ସନ୍ଧାନ ଖୁବଶୀଘ୍ର ମିଳିଯିବ ବୋଲି ସୂଚନା ମିଳିଛି।

# ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ

## ସବୁଜ ପତାକା ଦେଖାଇ ଶୁଭାରମ୍ଭ କଲେ ଜିଲ୍ଲାପାଳ ଏବଂ ଏସପି

ବାରିପଦା,୪/୧(ନି.ପ୍ର): ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ବୁଧବାର ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ, ଜିଲ୍ଲା ପୋଲିସ ପ୍ରଶାସନ ଓ ଜିଲ୍ଲାସଡକ ସୁରକ୍ଷା ସମିତିଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଆରମ୍ଭ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ କଲେକ୍ଟରେଟ ଠାରେ ସଡକ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ରଥକୁ ଜିଲ୍ଲାପାଳ ହେମକାନ୍ତ ସୟ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହିତ ସପ୍ତାହ ବ୍ୟାପୀ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମସ୍ତ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ ମାନେ ପ୍ଲାକାର୍ଡ ସହିତ ସଚେନତା ଶୋଭାଯାତ୍ରାରେ ରଥ ସହିତ ସହର ପରିକ୍ରମା କରିଥିଲେ. ଏହି ଉପଲକ୍ଷେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଲିଫଲେଟ ବଣ୍ଟନ କରାଯାଇ ଦୁଇ ଚକିଆ ଯାନ ଚଳାଇବା ସମୟରେ ହେଲମେଟ ବ୍ୟବହାର, ଚାରି ଚକିଆ ଯାନରେ ସିଟ ବେଲଟ ବ୍ୟବହାର, ନିଶାଶକ୍ତ ଅବସ୍ଥାରେ ଗାଡି ଚାଳନା ନକରିବା ଏବଂ ଟ୍ରାଫିକ ନିୟମ ମାନି ଗାଡି ଚଳାଇବା ସମ୍ପର୍କରେ ସଚେତନ କରାଯାଇଥିଲା. ଏହି




ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଯମରାଜା-ଚିତ୍ରଗୁପ୍ତ ସମ୍ବାଦ. ସ୍ଥାନୀୟ କଳାକାର ମାନେ ଯମରାଜ ଏବଂ ଚିତ୍ରଗୁପ୍ତ ବେଶ ଧରି ପଥପ୍ରାନ୍ତ ସଚେତନତା ନାଟକ କରିବା ସହିତ ରାସ୍ତାରେ ଯେଉଁମାନେ ହେଲମେଟ ନପିନ୍ଧି ଗାଡି ଚଳାଉଥିଲେ ସେମାନଙ୍କୁ ସଚେତନ କରିବା ସହିତ ପୁଲିସ ସହାୟତାରେ ଦଣ୍ଡବିଧାନ ମଧ୍ୟ କରିଥିଲେ. ଏଥିସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ବିନା ହେଲମେଟ ଗାଡି ଚାଳନା କରୁଥିବା ଚାଳକଙ୍କୁ ମାଗଣାରେ ହେଲମେଟ ମଧ୍ୟ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ସହକାରୀ ପରିବହନ ଅଧିକାରୀ ସାଲଖୁ ମୁର୍ମୁ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ପୋଲିସ ପ୍ରଶାସନ ଓ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମକର୍ତ୍ତା ମାନେ ଯୋଗଦେଇଥିଲେ । ଏହି ମାସ ପାଳନ ଅବସରରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି. ଜିଲ୍ଲାର ବିଭିନ୍ନ ବ୍ଲକ ଓ ସବଡ଼ିଭିଜନରେ ସଚେତନତା ର୍‍ୟାଲି ଆୟୋଜନ କରାଯିବା ସହ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜାତୀୟ ସଡକ ସୁରକ୍ଷା ସମ୍ବନ୍ଧୀୟ ୱାଲ ପେଣ୍ଟିଂ ପ୍ରତିଯୋଗିତା, ସଚେତନତା ଶୋଭାଯାତ୍ରା, ଡ୍ରାଇଭରମାନଙ୍କ ନିମନ୍ତେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଦି ଆୟୋଜନ କରାଯିବ ସଚେତନତା ସହିତ ଏନଫୋର୍ସମେଣ୍ଟ କାର୍ଯ୍ୟକ୍ରମ ମଧ୍ୟ ଜାରି ରହିବ ବୋଲି ଜଣାଯାଇଛି ।

## ନୂତନ ବର୍ଷ ପାଳନରେ ନୂତନ ପରମ୍ପରା ଗଢ଼ିଲେ ମାଲକାନଗିରି ଓସରଟିସି କର୍ମଚାରୀ

ମାଲକାନଗିରି, ୪/୧(ନି.ପ୍ର): ଆଜି ନୂତନ ବର୍ଷ, ଯେଉଁଥିରେ ବିଭିନ୍ନ ଲୋକ ବିଭିନ୍ନ ପ୍ରକାରରେ ଏହାକୁ ଆନନ୍ଦ ଓ ଉତ୍ସାହ ସହ ପାଳନ କରୁଥିବା ବେଳେ, ମାଲକାନଗିରି ଓସରଟିସି କର୍ମଚାରୀମାନେ ଏକ ଅଲଗା ଉଦ୍ୟମ କରି ସବୁଙ୍କ ଆକର୍ଷଣ କରିଛନ୍ତି। ସେମାନେ ସ୍ୱଚ୍ଛତାର ପ୍ରଚାର ପାଇଁ ଏକ ନୂତନ ମାର୍ଗ ବାଛିଛନ୍ତି।

ମାଲକାନଗିରି ବସ୍ ଷ୍ଟାଣ୍ଡ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନର ଅଂଶ ହୋଇ କର୍ମଚାରୀମାନେ ଆଜି ସଫା ସୁତରା କାର୍ଯ୍ୟ ଚାଲାଇଥିଲେ। ଏହି କାର୍ଯ୍ୟର ମାଧ୍ୟମରେ ସେମାନେ ପରିସରକୁ କେବଳ ସ୍ୱଚ୍ଛ କରିବା ନୁହେଁ, ବରଂ ସ୍ୱଚ୍ଛତାର ମାହାତ୍ମ୍ୟ ବିଷୟରେ ସାରା ସମାଜରେ ଜନଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟ ରଖିଥିଲେ। ସେଥି ସହିତ, ବସ୍ ଷ୍ଟାଣ୍ଡ ପରିସରରେ ଥିବା ସମସ୍ତ ଦୁକାନମାନଙ୍କୁ ଡଷ୍ଟବିନ୍ ବ୍ୟବହାର କରିବାକୁ ଏବଂ କଚରାକୁ ଯାହାକି ଥିକ୍ ସ୍ଥାନରେ ଫିଙ୍କିବାକୁ ଅନୁରୋଧ କରାଯାଇଛି। ସେମାନେ ଏହାର ମାଧ୍ୟମରେ ଦୁକାନମାନଙ୍କ ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ଜାଗୃକତା ସୃଷ୍ଟି କରିବା ଉଦ୍ଦେଶ୍ୟ ରଖିଥିଲେ।

ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ପରିବହନ ପରିଚାଳକ ଗୁରୁଦତ୍ତ ଦୋରା, ଜିଲ୍ଲା ପରିବହନ ପରିଚାଳକ (ଡିପୋ) ଅରୋଶ୍ରୀ



ସାହୁ, ସହାୟକ ପରିଚାଳକ ନିଖିଲ ଓଝା, ଜିଲ୍ଲା ପରିବହନ ବିଭାଗର ଟ୍ରାଫିକ୍ ଇନ୍ସପେକ୍ଟର ଦୀପକ ସାହୁ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

## ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ପକ୍ଷରୁ ମନମୋହନ ସିଂଙ୍କ ବିୟୋଗରେ ଶୋକସଭା

ବାରିପଦା,୪/୧(ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂ ଙ୍କ ବିୟୋଗରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଦିବ୍ୟା ପ୍ୟାଲେସ ସମ୍ମିଳନୀ କକ୍ଷ ରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା ।ଏହି ଶୋକସଭାରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ବହୁ ସଂଖ୍ୟାରେ ଯୋଗ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ନିରୋଜ ଲୋଚନ ଦାଶ ଙ୍କ ସଭାପତିତ୍ୱ ରେ ଆୟୋଜିତ ଶୋକସଭା ରେ ପୂର୍ବତନ ସାଂସଦ ସୁଶୀଳା ତିରିଆ,ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ,ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ଅଶୋକ ଅଧିକାରୀ,ପ୍ରଦୀପ ମିଶ୍ର,ବିଜୟ ସିଂ,ଚୈତନ୍ୟ ହାଁସଦା, ଅଶୋକ ଗିରି, ମୋନରଞ୍ଜନ ହେମ୍ବ୍ରମ,ପ୍ରମୋଦ ହେମ୍ବ୍ରମ,ରବୀନ୍ଦ୍ର ଗିରି,ରଞ୍ଜିତା ଯୋଶୀ ପ୍ରମୁଖ ଯୋଗଦେଇ ମନମୋହନ ସିଂଙ୍କ ବହୁମୁଖୀ ପ୍ରତିଭାର ଆଲୋକପାତ କରିବା ସହିତ ଦେଶ ପାଇଁ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇରହିବ ବୋଲି କହିଥିଲେ । ଉଦାରୀକରଣ ର ସ୍ଥପତି ଶ୍ରୀ ମନମୋହନ ସିଂ ଙ୍କ ବିୟୋଗ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ନେତୃବୃନ୍ଦ କହିବା ସହିତ ତାଙ୍କ



ନାମ ଭାରତର ସ୍ୱର୍ଣ୍ଣିମ ଇତିହାସ ରେ ଲିପିବଦ୍ଧ ହେଇ ରହିବ ବୋଲି କହିଥିଲେ ।ଏହି ଶୋକସଭାରେ ଅନ୍ୟମାନଙ୍କ ମଧ୍ୟରେ ଦୀପକ ଦାସ,ରଣା ସତ୍ୟକାମ ସେନାପତି,ଇତିଶ୍ରୀ ମିଶ୍ର,ରଶ୍ମିତା ମିଶ୍ର,ପିଙ୍କି ମହାପାତ୍ର, ସ୍ୱାଗନ ଦାସ, ବାଦଲ ହେମ୍ବ୍ରମ, ଏମଡି ଅକିଲ, ବାବଲୁ ନାରାୟଣ ହେମ୍ବ୍ରମ୍, ଛୁଟୁରାମ ବିନ୍ଧାଣି, ଅଜୟ ଦାସ ରାମ ରତନ ମହାନ୍ତ,ଅଭିଷେକ ଯାଦବ,ଲକ୍ଷ୍ମୀଧର ହେମ୍ବ୍ରମ୍ , ବିଶ୍ୱଜିତ ସାହୁ,ବିକାଶ ମହାଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଝୁମର ଆଲୋଚନା ଚକ୍ର ପାଇଁ ପ୍ରସ୍ତୁତି ବୈଠକ

ବାରିପଦା,୪/୧(ନି.ପ୍ର): ଓଡିଶା ଝୁମର ଏକାଡେମୀ ପକ୍ଷରୁ ଜାତୀୟ ଝୁମର ଆଲୋଚନା ଚକ୍ର ଓ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଏକାଡେମୀର ସଭାପତି ଏଡଭୋକେଟ ଅବନୀ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଏକାଡେମୀର ସମ୍ପାଦକ ଏଡଭୋକେଟ ବସନ୍ତ କୁମାର ମହାନ୍ତ ଆଲୋଚନାର ଆଭିମୁଖ୍ୟ ପ୍ରାଚୀନ ଝୁମରର ଉପାଦେୟତା ବିଷୟରେ ଆଲୋକପାତ କରିଥିବା ବେଳେ, ମୁଖ୍ୟ ଅତିଥି ଭାବରେ ଜାତୀୟ ମନୁମେଣ୍ଟ ଅଥରିଟିର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବସା, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ଇଂ ଅଶୋକକୁମାର ବସା, ମୁଖ୍ୟ ଆଲୋଚକ ଭାବରେ ପ୍ରାକ୍ତନ ସାଂସଦ ବୀରଭଦ୍ର ସିଂ, ବକ୍ତା ଭାବରେ ବିଶିଷ୍ଟ ଝୁମର ଗବେଷକ ଡ଼କ୍ଟର ରମାକାନ୍ତ ମହାନ୍ତ , ଝୁମର ଏକାଡେମୀର ଉପସଭାପତି ରାକେଶ କୁମାର ସିଂ, ଅବସର ପ୍ରାପ୍ତ ଓଡିଶା ପ୍ରଶାସନିକ ଅଧିକାରୀ ଶିବ ପ୍ରସାଦ



ସିଂ, ମାଳତୀ ଲତା ସିଂ, ସଦସ୍ୟ କୃପାସିନ୍ଧୁ ମହାନ୍ତ, ସାମ୍ରାୟ ବାଗାଲ ପ୍ରମୁଖ ଯୋଗଦେଇ ଝୁମର ପରି ଏକ ପାରମ୍ପରିକ ଲୋକ ସଂସ୍କୃତିର ଅଧିକ ସଂରକ୍ଷଣ ଏବଂ ପ୍ରଚାର ପ୍ରସାର ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ବୈଠକରେ ଆଗାମୀ ଭଦ୍ରବ ମାସର କରମ ପର୍ବ ଅବସରରେ ଓଡିଶା, ବିହାର,ବେଙ୍ଗଲ, ଝାରଖଣ୍ଡ, ଆସାମ, ଛାତିଶଗଡ଼, ପ୍ରମୁଖ ପ୍ରଦେଶର ଝୁମର କଳାକାର, ଗବେଷକ, ଆଲୋଚକ ଓ ସାହିତ୍ୟିକ ମାନଙ୍କୁ ନିମନ୍ତ୍ରଣ କରାଯାଇ ଏକ ତ୍ରୀଦିବସୀୟ ଆଲୋଚନା ଚକ୍ର ଓ ଉତ୍ସବ ଅନୁଷ୍ଠିତ ହେବ ଏବଂ ଏହି ଆଲୋଚନା ଚକ୍ର ରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତି ନିକେତନ ପରି ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ ବାରିପଦାରେ ଝୁମର କଳା ସାହିତ୍ୟ ସଂସ୍କୃତିର ବିକାଶ ପାଇଁ ଏକ ସ୍ୱତନ୍ତ୍ର ଝୁମର କ୍ୟାମ୍ପସ ଗଠନ ନିମନ୍ତେ ପ୍ରସ୍ତାବ ପାରିତ କରିବା ପାଇଁ ଭାରତ ସରକାରଙ୍କର ନିକଟରେ ଦାବୀ ଉପସ୍ଥାପନ କରାଯିବ ବୋଲି ମୁଖ୍ୟ ଅତିଥି ପ୍ରଫେସର କିଶୋର କୁମାର ବସା ମତ ପ୍ରକାଶ କରିଥିଲେ ଏବଂ ଇଂ ଅଶୋକ କୁମାର ବସା ଏକ ଲକ୍ଷ ଟଙ୍କା ଏଥିପାଇଁ ସହଯୋଗ କରିବେ ବୋଲି କହିଥିଲେ. ଶେଷରେ ଝୁମରରାଣୀ ବିନ୍ଦୁମତୀ ମହାନ୍ତ ଝୁମର ସଙ୍ଗୀତ ପରିବେଷଣ କରିଥିବା ବେଳେ, ଏକାଡେମୀର କୋଷାଧକ୍ଷ ବୈଦ୍ୟନାଥ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ତ୍ରିଜଙ୍ଗା ପଞ୍ଚାୟତରେ ଖଣିଜ ପାଣ୍ଠିକୁ ହରି ଲୁଟ: ନୂତନ ବ୍ଲକ ଅଧିକାରୀ ନିରବଦ୍ରଷ୍ଟା !

## ଲୁହା ପାଇପ୍‌ରେ ତିଆରି କଲଭଟର ମୂଲ୍ୟ ୯ ଲକ୍ଷ

ଦାନଗଦି,୪/୧(ନି.ପ୍ର): କଥା ରେ ଅଛି ରକ୍ଷକ ଜଦି ଭକ୍ଷକ ସାଜିବ ତେବେ କହିବା କାହାକୁ ?ଶୁଣିବ କିଏ, ଯାହା କି ଯାଜପୁର ଜିଲ୍ଲା ରେ ଥିବା ଦାନଗଦି ବ୍ଲକର ତ୍ରିରଙ୍ଗା ପଞ୍ଚାୟତ ରେ ଦେଖିବାକୁ ମିଳିଛି। ଏଠାକାର ବ୍ଲକ ରେ ଥିବା କିଛି ଭ୍ରଷ୍ଟ ସରକାରୀ ଅଧିକାରୀ ଙ୍କ ସହଯୋଗ ରେ ତ୍ରିରଙ୍ଗା କଲୋନୀ ର ଉନ୍ନତି ମୂଳକ କାର୍ଯ୍ୟ କରିବାକୁ ଗତ ୨୦୨୨ ମସିହାରେ ଯାଜପୁର ଜିଲ୍ଲା ଜିଲ୍ଲାପାଳ ଅଫିସ ରେ ୫କୋଟି ଟଙ୍କା ବ୍ୟୟବରାଦ ରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଚୁକ୍ତି ହୋଇଥିବା ବେଳେ ୫କୋଟି ଟଙ୍କା କୁ ମିଳିମିଶି ନିମ୍ନ ମାନର କାର୍ଯ୍ୟ କରି ଖାଇଥିବା ସାଧାରଣ ରେ ଆଲୋଚନା ହେଉଛି ।ଗତ ୨୦୨୨ ମସିହା ନଭେମ୍ବର ମାସ ୩ ତାରିଖରେ ସଂନ୍ଧ୍ୟା ? ୫ ଘଟିକା ସମୟରେ ଯାଜପୁର ଜିଲ୍ଲା ରେ ଥିବା ଖଣିଜ ପାଣ୍ଠି ଟ୍ରଷ୍ଟ ମିଟିଂ ରେ ସୁକିନ୍ଦା ଓ ? ଦାନଗଦି ବ୍ଲକ ରେ ଏକାଧିକ ସମସ୍ୟା ସମାଧାନ କରିବା ପାଇଁ ଆଲୋଚନା ଚକ୍ର ରେ ଏକାଧିକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କୁ ସ୍ୱିକୃତି ପ୍ରଦାନ କରିବା ସହିତ କୋଉଁ ପ୍ରକଳ୍ପ ନିର୍ମାଣ ରେ କେତେ ଟଙ୍କା ବିନିଯୋଗ କରାଯିବ




ତାହା ମଧ୍ୟ ଧାର୍ଯ୍ୟ ହୋଇଥିବା ଦେଖିବାକୁ ମିଳିଥିଲା। ସେହି ମିଟିଂ ରେ ତ୍ରିଜଙ୍ଗା ପଞ୍ଚାୟତ ରେ ଥିବା ତ୍ରିଜଙ୍ଗା କଲୋନୀ ପାଇଁ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଉକ୍ତ ୫ କୋଟି ଟଙ୍କାର କାର୍ଯ୍ୟ ୨୦୨୩-୨୪ ଆର୍ଥିକ ବର୍ଷରେ ତ୍ରିଜଙ୍ଗା କଲୋନୀ ର ଉନ୍ନତି ମୂଳକ କାର୍ଯ୍ୟ ହେବାକୁ ଆସିଥିବା ବେଳେ କଲୋନୀ ର ଏକାଧିକ ରାସ୍ତା କୁ ଢଲେଇ କରିବା ଓ ରାସ୍ତା ର ଉଭୟ ପାଶ୍ୱର୍ରେ ଡ୍ରେନେଜ ସୁବିଧା କରିବା ପାଇଁ ପ୍ରତି ଛକ ରେ ଫଳକ ଲଗାଇ କିଛି ଯାଗା ରେ କାର୍ଯ୍ୟ ହୋଇଛି ମାତ୍ର ସମ୍ପୁର୍ଣ୍ଣ ନିମ୍ନ ମାନର କାର୍ଯ୍ୟ ହୋଇଥିବା ବେଳେ କିଛି ଯାଗାରେ ବିନା କାମରେ ବିଲ୍ ପାରିତ ହୋଇଥିବା ଆଲୋଚନା ହୋଉଛି। ଯାହା କି କାର୍ଯ୍ୟସ୍ଥଳ ରେ ମଧ୍ୟ ଦେଖିବାକୁ ମିଳିଛି। ଗୋଟିଏ କଲଭଟ କରିବା ପାଇଁ ଫଳକ ତିଆରି ହୋଇଛି। ମାତ୍ର ପୂର୍ବରୁ ବ୍ୟବହୃତ ଫୋନ ଖୁଣ୍ଟ କୁ ପୋତି ତାହା କୁ ଦେଖାଇ ପାଖାପାଖି ୯ ଲକ୍ଷ ଟଙ୍କାର ବିଲ ଉଠାଯାଇଥିବା ଆଲୋଚନା ହେଉଛି। ଯାହା କୁ ପରୋକ୍ଷରେ ସିକ୍ୱାର କରିଛନ୍ତି। କାର୍ଯ୍ୟ କୁ କରୁଥିବା ଜେଇ ମହୋଦୟ,ଏହି ରାସ୍ତା ଓ ଡ୍ରେନେଜ ର କାର୍ଯ୍ୟ ପୂର୍ବରୁ ଥିବା ସରକାର ଙ୍କ ସମୟରେ ହୋଇଥିବା ବେଳେ ପୂର୍ବରୁ ଥିବା ସରକାର ଙ୍କ ମନ୍ତ୍ରୀଙ୍କ କିଛି ଖାସ୍ ଦଳୀୟ କର୍ମୀଙ୍କ ସମ୍ପୃକ୍ତି ଥିବା ନେଇ ସାଧାରଣ ରେ ଆଲୋଚନା ହେଉଛି। ତେଣୁ ଜିଲ୍ଲା ପ୍ରଶାସନ ଓ ଖଣିଜ ପାଣ୍ଠି ରେ ଥିବା ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟ ର ନିରପେକ୍ଷ ତଦନ୍ତ କଲେ ବହୁ ତଥ୍ୟ ପଦାକୁ ଆସିପାରନ୍ତା ବୋଲି ମଧ୍ୟ ସାଧାରଣରେ ଆଲୋଚନା ହେଉଛି।

## ନୂଆବର୍ଷରେ ଗାଁ ଦାଣ୍ଡରେ ଯୁବକଙ୍କୁ ବିଭସ୍ଥ ହତ୍ୟା

ପରଜଙ୍ଗ,୪/୧(ନି.ପ୍ର): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବସୋଇ ଗାଁରେ ବିଭସ୍ଥ ହତ୍ୟାକାଣ୍ଡ ।ମୃତ ଯୁବକ ଜଣଙ୍କ ବସୋଇ ଗାଁର ରାକେଶ ସେଠି ।ରାକେଶ ସାଇକେଲ ଯୋଗେ ଚିକେନ ପାଇଁ ଯାଇଥିବା ବେଳେ ଟାଙ୍ଗିଆରେ ହାଣି ଖଣ୍ଡ ଖଣ୍ଡ କଲା ଦୂର୍ବୃକ୍ତ ।ଅଭିଯୁକ୍ତ ଯୁବକ ଜଣକ ବସୋଇ ଗାଁର ସରୋଜ ବିଶ୍ୱାଳ ଓରଫ ମକୁ ବୋଲି ଜଣା ପଡ଼ିଛି ।ପ୍ରଥମେ ଠେଙ୍ଗାରେ ପିଟି ପିଟି ରାକେଶଙ୍କୁ ହତ୍ୟା କରିବା ପରେ ଏକ ଟାଙ୍ଗିଆରେ ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି ଗାଁରେ ଫୋପାଡ଼ି ଥିଲା ଦୂର୍ବୃକ୍ତ ।ତେବେ ସବୁଠାରୁ ଚକିତ ଦୃଶ୍ୟ ଥିଲା ଗାଁ ଚୌପାଢୀରେ ଥିବା ପଣା ଖୁଣ୍ଟି ନିକଟରେ ଜିଅନ୍ତା ବଳି ଦେଇଥିଲା ପିଶାଚ ଯୁବକ ।ଏପରିକି ଶରୀରର ଅନେକ ଖଣ୍ଡ ବିଖଣ୍ଡିତ ଅଂଶ ଗାଁ ରାସ୍ତାରେ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଛି ।ଖବର ପାଇ ପରଜଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ସେପଟେ ହତ୍ୟା ପରେ ଅଭିଯୁକ୍ତ ଫେରାର ହୋଇଥିବା ସୂଚନା ରହିଛି। ତେବେ ହତ୍ୟାକାଣ୍ଡକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ, ହତ୍ୟା କାଣ୍ଡର କାରଣ ଅସ୍ପଷ୍ଟ ରହିଛି।

## ମଝି ନଦୀରେ ବ୍ରିଜକୁ ବାଡେଇଲା ଯାତ୍ରୀ ବାହି ଡ଼ଙ୍ଗା

## ଜଣେ ଗୁରୁତର ଆହତ ସହ ମେଡିକାଲ ରେ ଭର୍ତି



ଚାନ୍ଦବାଲି -୪/୧(ନି.ପ୍ର):ବର୍ଷ ଆରମ୍ଭରୁ ଆରଡ଼ି ତିନିତର ନଦୀ ମଝିରେ ଘଟିଲା ଅଘଟଣ ଜଣେ ଗୁରୁତର ଆହତ ଶହ ଅଳ୍ପକେ ବର୍ତିଲେ ଡ଼ଙ୍ଗାରେ ଥିବା ସମସ୍ତ ଯାତ୍ରୀ। ତେବେ ଭଦ୍ରକ ଜିଲ୍ଲା ଆରଡ଼ି ଓ ଚାନ୍ଦବାଲି କୁ ସଂଯୋଗ କରୁଥିବା ତିନିତର ଘାଟରେ ବୁଧବାର ଦିନ ଏକ ଯାତ୍ରୀ ବାହି ଡ଼ଙ୍ଗା ଦୁର୍ଘଟଣା ଗ୍ରସ୍ତ ହୋଇଛି । ଡ଼ଙ୍ଗା ଟି ଦୁର୍ଘଟଣା ଗସ୍ତ ହେବା ପରେ ଗଭୀର ନଦୀ ମଧ୍ୟକୁ ଜଣେ ବୃଦ୍ଧ ଗଳି ପଡିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚାନ୍ଦବାଲି ମେଡିକାଲ ରେ ଭର୍ତି କରାଯାଇଛି । ତେବେ ଗୁରୁତର ବୃଦ୍ଧ ତେନ୍ତୁଳିଡ଼ିହି ଗାଁର ଉମାକାନ୍ତ ପତ୍ରି ବୋଲି ଜଣାପଡିଛି. । ସୂଚନା ମୁତାବକ ଆରଡ଼ି ରୁ ଚାନ୍ଦବାଲି କୁ ଯାତ୍ରୀ ନେଇ ଡ଼ଙ୍ଗା ଯାଉଥୁବା ସମୟରେ ନଦୀ ରେ ମେଘା ପ୍ରକଳ୍ପ ପକ୍ଷରୁ ବିଛାଯାଇଥିବା ପାଣି ପାଇପ ବ୍ରିଜ ରେ ଡ଼ଙ୍ଗା ଟି ବାଡେଇ ହୋଇଥିଲା ଯାହା ଫଳରେ ଡ଼ଙ୍ଗା ଚହଲି ଯିବାରୁ ବୃଦ୍ଧ ନଦୀ ମଝି କୁ ଗଳି ପଡିଥିଲେ । ତେବେ ଅନ୍ୟ ଯାତ୍ରୀ ମାନେ ସୁରକ୍ଷିତ ଥିବା ବେଳେ ଖବର ପାଇ ଆରଡ଼ି ଫାଣ୍ଡି ପୋଲିସ ତିନିତର ଘାଟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ତିନିତର ଘାଟରେ ପୁର୍ବରୁ ଏଭଳି ଅନେକ ଥର ଦୁର୍ଘଟଣା ଘଟିଥିଲେ ମଧ୍ୟ ଚାନ୍ଦବାଲି ର ବିକାଶ ପୁରୁଷ ଙ୍କ ପାଇଁ ଏହା ଏକ ସାଧାରଣ କଥା। କାରଣ ନିଜକୁ ଚାନ୍ଦବାଲିର ଚାନ୍ଦ ତଥା ନିଜକୁ ବିକାଶ ପୁରୁଷ ବୋଲାଉ ଥିବା ବିଧାୟକ ବ୍ୟୋମକେଶ ରାୟ ଆଜି ପର୍ଯ୍ୟନ୍ତ ନିଜ ନିର୍ବାଚନ ମଣ୍ଡଳୀ ତିନିତର ଫେରି ଘାଟରେ ବ୍ରିଜ ନିର୍ମାଣ କରିବାରେ ବିଫଳ ହୋଇଥିବା ବେଳେ ଏବେ ବି ଚାଲିଛି ବ୍ରିଜ ନିର୍ମାଣ କାର୍ଯ୍ୟ। ବ୍ରିଜ ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷ ଧରି ଚାଲୁଥିବା ବେଳେ ତାହା କେବେ ସରିବ ତାହା ମଧ୍ୟ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଥିବା ବେଳେ ପ୍ରତିଦିନ ସହ ସହ ସଂଖ୍ୟାର ଯାତ୍ରୀ ଭରା ନଦୀରେ ବିପଦ ସଙ୍କୁଳ ଅବସ୍ଥାରେ ନଦୀ ପାର ହେଉଥିବା ଦେଖିବାକୁ ମିଳିଛି। ତେବେ ତୁରନ୍ତ ବ୍ରିଜ ନିର୍ମାଣ କାର୍ଯ୍ୟ କିପରି ଶେଷ ହେବ ସେ ଦିଗରେ ସରକାର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ମକର ସଂକ୍ରାନ୍ତି ଓ ବିଶ୍ୱଶାନ୍ତି ମହାଜଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ, ୪/୧(ନି.ପ୍ର):ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତ ଅନ୍ତର୍ଗତ ସାକୁସିଙ୍ଗା ବିଜେ ବାବା କାସୀ ବିଶ୍ୱନାଥ ଙ୍କ ପିଠରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ମକର ସଂକ୍ରାନ୍ତି ଦିନ ଭକ୍ତ ପ୍ରଭୁ ଜୀ ଗଦାଧର ଦାସ ଙ୍କ ଦ୍ୟାରା ପ୍ରତିଷ୍ଠା କରା ଯାଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ମେଳା ଅନୁଷ୍ଠିତ ହେବାକୁ ନେଇ ଏକ ପ୍ରସ୍ତୁତି ବୈଠକ ଉପଦେଷ୍ଟା ବସନ୍ତ କୁମାର ହୋତାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାତା ଭକ୍ତ ଗଦାଧର ଦାସ ଯୋଗ ଦେଇ ଯଥା ବିଧି ବୈଦିକଧର୍ମ ଅନୁଯାଇ ସମସ୍ତ କାର୍ଯ୍ୟ କରିବା ପାଇଁ ପରମର୍ଶ ଦେଇଥିଲେ ଏହି ତିନି ଦିନିଆ ଆଧାତ୍ମିକ କାର୍ଯ୍ୟକ୍ରମରେ ୧୦୮ କଳସ ଯାତ୍ରା, ଅଷ୍ଟ



ପ୍ରହରୀ, ଘୃତଯଜ୍ଞ , ସାଧୁ ସମ୍ମିଳନୀ, ସତସଙ୍ଗ ପ୍ରବଚନ, ଯୋଗଜ୍ଞାନ, ଗୋ ପୂଜନ, ସୁନ୍ଦର୍ କାଣ୍ଡ ପରାୟଣ ଗାୟିକା ମୋନାଲି ମହାପାତ୍ର ଙ୍କ ଦ୍ୟାରା ପରିବେଶଣ କରିବା ପାଇଁ ସର୍ବ୍ ସମ୍ମତି କ୍ରମେ ଗୃହୀତ ହୋଇଥିଲା , ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଲଡୁ କେସର ଡାଙ୍ଗ, ମନୋଜ ମହାକୁଡ଼, ଅନ୍ତର୍ଯ୍ୟାମି ମହାକୁଡ, ଅରୁଣ ବାରିକି, କୃଷ୍ଣ ବାବା, ପ୍ରାଣ ବନ୍ଧୁ ବାବା ଉପସ୍ଥିତ ଥିଲେ, ପରିଶେଷରେ ମଠ ମହନ୍ତ ଧୋବେଇ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ